## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲୀୟ ସଂସ୍ଥାର ବଡ଼ ପଦକ୍ଷେପ

# ଖାଦ୍ୟ ନଷ୍ଟ ରୋକିବା ସହ ବଜାର ଖର୍ଚ୍ଚ କମାଇବ 'ସେଭଫୁଲ୍'

ରାୟଗଡା,୩୧।୧(ସମିସ): ସ୍ଥାୟୀ ଶିକ୍ଷା ଏବଂ ସର୍କୁଲାର୍ ଇକୋନୋମି କ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲୀୟ ଫୁଡ୍-ଟେକ୍ ପ୍ଲାଟଫର୍ମ 'ସେଭଫୁଲ ' ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ଘୋଷଣା କରିଛି। ଏହି ସହଭାଗିତା ମାଧ୍ୟମରେ "ସେଭଫୁଲ' ଭାରତୀୟ ବଜାରରେ ପ୍ରବେଶ କରିଥିବା ବେଳେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏହି ଅଭିଯାନର ଜାତୀୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଖାଦ୍ୟ ଅପଚୟ ରୋକିବାକୁ ହୋଇଥିବା ଏହି ନୂତନ ପ୍ରୟାସ କରାଯାଇଛି। ଭାରତୀୟ ଖାଦ୍ୟ ଶୈଳୀ ଓ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଆପ୍‌କୁ ବିକଶିତ କରାଯାଇଛି। ଅଷ୍ଟ୍ରେଲିଆରେ ଏହି ଆପ୍ ମାଧ୍ୟମରେ ୪୧,୦୦୦ରୁ ଅଧିକ ବ୍ୟବହାରକାରୀ ପ୍ରାୟ ୬୩ ପ୍ରତିଶତ ଖାଦ୍ୟ ନଷ୍ଟ ହେବାରୁ ରକ୍ଷା କରିପାରିଛନ୍ତି। ବର୍ତ୍ତମାନ ଏହା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର "ଜିରୋ ୱେଷ୍ଟ କ୍ୟାମ୍ପସ" ଅଭିଯାନର ଏକ ଅଂଶ ହେବ।



ଯାହା ଛାତ୍ରଛାତ୍ରୀ ଓ ସ୍ଥାନୀୟ ସମୁଦାୟକୁ ରୋଷେଇ ଘରର ବଳକା ସାମଗ୍ରୀକୁ ସଠିକ୍ ଭାବେ ବ୍ୟବହାର କରିବାରେ ସାହାଯ୍ୟ କରିବ। ଏହି ଅବସରରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି, "ସାମାଜିକ ଦାୟିତ୍ୱବୋଧ ଏବଂ ସ୍ଥାୟୀ ନବସୃଜନ କ୍ଷେତ୍ରରେ ଆମେ ସର୍ବଦା ଆଗରେ ରହିଛୁ। "ସେଭଫୁଲ' ସହ ଏହି ସହଭାଗିତା ଆମ ସମୁଦାୟକୁ ଏକ ଡିଜିଟାଲ୍ ସାଧନ ଯୋଗାଇଦେବ। ଯାହା ଦ୍ୱାରା ଭଲ କାମ କରିବା ଆମ ଜୀବନଶୈଳୀର ଏକ ଅଂଶ ହୋଇପାରିବ। ସେଭଫୁଲର ସିଇଓ କିମ୍ ମ୍ୟାକଡୋନାଲ୍ଡ କହିଛନ୍ତି, "ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସାମାଜିକ ପରିବର୍ତ୍ତନ ଧାରାକୁ ଦେଖି ଆମେ ସେମାନଙ୍କୁ ଭାରତରେ ଆମର ପ୍ରଥମ ସହଯୋଗୀ ଭାବେ ଚୟନ କରିଛୁ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜୀବ କୁମାର ଦାସ, ସନ୍ଦୀପ କୁମାର ଏବଂ ସେମାନଙ୍କ ଟିମ୍ ଏହି 'ସେଭଫୁଲ' ଆପ୍‌ର ବିକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟର ସମସ୍ତ କ୍ୟାମ୍ପସରେ ଏହି ଆପ୍ ଲାଗୁ କରାଯିବ ଏବଂ ଏହା ପରିବାରଗୁଡ଼ିକୁ ଘରେ ଥିବା ସାମଗ୍ରୀର ସଠିକ୍ ବ୍ୟବହାର ଶିଖାଇ ବଜାର ଖର୍ଚ୍ଚ କମାଇବାରେ ସାହାଯ୍ୟ କରିବ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର, ପ୍ରୋ-ଭାଇସ୍ ଚାନ୍ସେଲର ଡ. ଅଜୟ କୁମାର ନାୟକ, ପ୍ରଫେସର ବିଶ୍ୱଜିତ ମିଶ୍ର, ଅଷ୍ଟ୍ରେଲିଆର ନର୍ସିଂ ପ୍ରଫେସନାଲ ମାର୍କ ହେଲଡ୍, ଥେଙ୍କଫୁଲ ଫାଉଣ୍ଡେସନର ସହପ୍ରତିଷ୍ଠାତା ମାଇକ୍ ବ୍ରୁଟର ଏବଂ ଡିନ୍ ଡ. ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବଳକା ଖାଦ୍ୟ ଏଣିକି ହେବ ସୁଆଦିଆ ବ୍ୟଞ୍ଜନ

● ଜୟପୁର ବିମାନବନ୍ଦର ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ମାମଲା

# ଜମି ଅଧିଗ୍ରହଣ ଶୁଣାଣିରେ ହାଜର ହେଲେ ୧୨ ଜମି ମାଲିକ

ଜୟପୁର, ୩୧।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିମାନ ବନ୍ଦରର ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ନେଇ ପ୍ରଶାସନର ପ୍ରକ୍ରିୟା ଜାରୀ ରହିଛି। ଆଜି ଜୟପୁର ଉପଜିଲାପାଳ କାର୍ଯାଳୟର ଭୂ-ଅର୍ଜନ ଉପବିଭାଗ ପକ୍ଷରୁ ୧୨ ଜଣ ଜମି ମାଲିକଙ୍କୁ ଜମି ଅଧିଗ୍ରହଣ ନେଇ ଶୁଣାଣି ନିମନ୍ତେ ନୋଟିସ କରାଯାଇଥିଲା। ଜୟପୁର ତହିସିଲ ବାଙ୍କବିଜା ମୌଜାରର ୧୨ ଜମି ମାଲିକଙ୍କ ୮ ଏକର ୪ ଡେସିମିଲ ଜମି ଗୁଡିକ ଡଙ୍ଗର ଧାନ ଏବଂ କିଛି ପରିମାଣରେ ଘରବାରି ରହିଛି। ଉପଜିଲ୍ଲାପାଳ ଏ.ଶଶ୍ୟା ରେଡି ଏହାର ଶୁଣାଣି କରିବା ସହିତ ସରକାରଙ୍କ ବିମାନ ବନ୍ଦର ସମ୍ପ୍ରସାରଣ ଅନୁଯାୟୀ ଚାଷ, ଡଙ୍ଗର ଏବଂ ଘରବାରି ଜମି ବାବଦକୁ ସରକାରୀ ଧାର୍ଯ୍ୟ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ସେହିପରି ଗୃହ ନିର୍ମାଣ ହୋଇଥିଲେ ଉକ୍ତ ଘରର ମୂଲ୍ୟ ପ୍ରଦାନ କରାଯିବ ବୋଲି ଶୁଣାଣିରେ ଦର୍ଶାଯାଇଥିଲା। ଜମି ମାଲିକମାନେ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ ସହିତ ବସବାସ ଘର ଭାଙ୍ଗିବା ବଦଳରେ କ୍ଷତିପୂରଣ ରାଶି ସହିତ ଘରବାରି ଜମି ପ୍ରତ୍ୟେକ ୪ ଡେସିମିଲ ଦେବାକୁ ଅନୁରୋଧ କରିଥିଲେ ବୋଲି ଜମି ମାଲିକମାନେ ପ୍ରକାଶ କରିଛନ୍ତି। କିନ୍ତୁ ସରକାରୀ ନିୟମ ଅନୁଯାୟୀ ଜମିର କିସମ ଅନୁଯାୟୀ କ୍ଷତିପୂରଣ ଟଙ୍କା ଏବଂ ନିର୍ମାଣ ଗୃହର ସରକାରୀ ମୂଲ୍ୟ ଅନୁଯାୟୀ ଟଙ୍କା ପ୍ରଦାନ କରାଯିବ ବୋଲି ସ୍ପଷ୍ଟ କରିଥିଲେ। ଏଥିରେ ଜମି ମାଲିକ କେଶବ ପରାଜଙ୍କ ୪ ଡେସିମିଲ, ଇନ୍ଦିରା ମିଶନ ଏବଂ ତାଙ୍କ ପରିବାର ୨ଟି ପ୍ଲଟରେ ୨୬ ଡେସିମଲ, ଦୈନୀ ପୂଜାରୀ ଏବଂ ପରିବାର ୨ ଏକର ୧୦ ଡେସିମିଲ, ପପୁ ଜାନି ଦୁଇଟି ପ୍ଲଟରେ ୨ ଏକର୧୮ ଡେସିମିଲ, ନିତ୍ୟାନନ୍ଦ ଦାଶ ୧ ଏକର ୮୪ ଡେସିମିଲ, ଡମ୍ବୁ ପରଜା ୪ ଡେସିମିଲ, ବୁଦ୍ଧୁ ହରିଜନଙ୍କ ୧ ଡେସିମିଲ, ରାମଚନ୍ଦ୍ର ହରିଜନ ଏବଂ ପରିବାରଙ୍କ ୪ ଡେସିମିଲ, ଗୋପୀ ହରିଜନ ୪ ଡେସିମିଲ, ମହମ୍ମଦ ଫାରୁକ ୨ ଡେସିମିଲ, ଚେମଟି ଚାଲାଣ ଏବଂ ପରିବାରର ୨ଟି ପ୍ଲଟରେ ୮୧ ଡେସିମିଲ, ହରିହର ନାୟକଙ୍କ ୮୦ ଡେସିମିଲ ଜମି ଅଧିଗ୍ରହଣ କରାଯିବା ନେଇ ଶୁଣାଣି କରାଯାଇଥିଲା।



● ନାବାଳିକାଙ୍କୁ ଧମକ ଓ ବ୍ଲାକ୍‌ମେଲିଂ ମାମଲା

# ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୩୧।୧(ସମିସ): ଜୟପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ନାବାଳିକା ଏବଂ ତାଙ୍କ ଅଭିଭାବକଙ୍କୁ ଧମକଚମକ ଏବଂ ବ୍ଲାକମେଲିଂ ମାମଲାରେ ଅଭିଯୁକ୍ତ ଜୟପୁର ଟାଉନଥାନା ପଠାଣ ସାହି ହାଇଦ୍ରାବାଦ ଲାଇନର ମହମ୍ମଦ ସାଜିଦ ଖାନ (୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩୫୦୦ ଟଙ୍କା ଜରିମାନା ଜାରି କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୭ମାସ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାନୁଯାୟୀ, ଗତ ୨୦୨୩ ମସିହାରେ ସେମିଳିଗୁଡା ଅଞ୍ଚଳର ଜଣେ ୧୭ ବର୍ଷିୟା ନାବାଳିକା ସ୍ଥାନୀୟ ଏକ ଘରୋଇ ମହାବିଦ୍ୟାଳରେ ଯୁକ୍ତ୨ ପଢୁଥିବା ବେଳେ ଅଭିଯୁକ୍ତ ତାଙ୍କ ପିଛା କରି ପ୍ରେମସମ୍ପର୍କ ରଖିବାକୁ ଚାପ ସୃଷ୍ଟି କରିଥିଲେ। ଏହି ଘଟଣା ନାବାଳିକାଙ୍କ ଅଭିଭାବକ ଜାଣିବା ପରେ ନାବାଳିକାଙ୍କୁ ତାଙ୍କ ଘର ସେମିଳିଗୁଡାକୁ ନେଇଯାଇଥିଲେ। କିନ୍ତୁ ଅଭିଯୁକ୍ତ ସାଜିଦ ଫୋନ ମାଧ୍ୟମରେ ନାବାଳିକା ଏବଂ ତାଙ୍କ ଅଭିଭାବକଙ୍କୁ ନାବାଳିକାଙ୍କ ଫୋଟ ଭାଇରାଲ ଏବଂ ଅପହରଣ କରିବା ସହିତ ପରିବାର ଲୋକଙ୍କୁ ଜୀବନରେ ମାରିବା ନେଇ ଧମକଚମକ ଦେଉଥିଲେ। ଏନେଇ ଗତ ୨୦୨୩ ମସିହା ମେ ମାସ ୨୬ ତାରିଖରେ ନାବାଳିକାଙ୍କ ମା' ସେମିଳିଗୁଡ଼ା ଥାନାରେ ଲିଖିତ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସରକାରୀ ଆଇନଜୀବୀ ସୁରେଶ ହଡପ ସୂଚନା ଦେଇଛନ୍ତି ।

# 'ଶିକ୍ଷା ବିଭାଗ ଅଧିକାରୀ ଓ ସମସ୍ତଙ୍କ ସହଯୋଗରୁ ଚାକିରି ଜୀବନ ସଫଳ ହୋଇପାରିଛି'

ନବରଙ୍ଗପୁର,୩୧।୧(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ବଡଡାଇଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ତରଫରୁ ପ୍ରଧାନ ଶିକ୍ଷକ ବିଘ୍ନରାଜ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଶ୍ରୀ ପାତ୍ରଙ୍କ କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ମିଷ୍ଟ ଭାଷୀ, ନିଷ୍ଠାପର ସହଯୋଗକୁ ମନେ ପକାଇ ଶ୍ରଦ୍ଧାର ସହିତ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରି, ପରିବାର ସହ ଅବସରକାଳୀନ ବାକି ସମୟ ଶୁଭଙ୍କର ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ ଉପସ୍ଥିତ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ। ଏଥି ସହିତ ଶ୍ରୀ ପାତ୍ର ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ୍ ପୂଜାରୀଗୁଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଠାରୁ ନବରଙ୍ଗପୁର ଜିଲ୍ଲା ଶିକ୍ଷା ବିଭାଗ ଅଧିନରେ ନିଜର ଶିକ୍ଷକତା କାର୍ଯ୍ୟ ଆରମ୍ଭ କରି ଦୀର୍ଘ ବର୍ଷ ଧରି ଶିକ୍ଷା ସେବା ପ୍ରଦାନ କଲାପରେ ଶନିବାର ଶିକ୍ଷକତା ସେବା କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ପାତ୍ର ପ୍ରଥମେ ଜିଲ୍ଲାର ସଦର ବ୍ଲକ୍‌ରୁ କାର୍ଯ୍ୟ ଆରମ୍ଭ କରି ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ। ପରିଶେଷରେ ଅବସର ସମୟରେ ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଡାଇଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ କାର୍ଯ୍ୟରତ ଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ପାତ୍ରଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ଠାପର ସହଯୋଗକୁ ମନେ ପକାଇ ଶ୍ରଦ୍ଧାର ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ ବିକଶିତ ଭାରତ ପାଇଁ ଆମ ଛାତ୍ରଛାତ୍ରୀଙ୍କ ଅବଦାନ ବହୁ ଅତୁଳନୀୟ ଏବଂ ଛାତ୍ରଛାତ୍ରୀ ଶିକ୍ଷା ସହିତ ଦେଶ ପ୍ରେମ ଓ ସମାଜ ପାଇଁ ନିଜର କର୍ତ୍ତବ୍ୟ ବୋଧକୁ ପ୍ରାଧାନ୍ୟ ଦେବା ଆବଶ୍ୟକ ଏବଂ ସମସ୍ତ ଛାତ୍ର ଛାତ୍ରୀ ସବୁବେଳେ ସକରାତ୍ମକ ଓ ନୂତନ ଚିନ୍ତାଧାରାର ଅଭିବୃଦ୍ଧି ଦିଗରେ ଚେଷ୍ଟିତ ରହିବା ଆବଶ୍ୟକ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀ ପାତ୍ର। ଏଥିସହିତ ମୋ ଚାକିରି ଜୀବନରେ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଉତ୍ତମ ମାର୍ଗଦର୍ଶନ ସହିତ ଶିକ୍ଷାବିଭାଗର ସମସ୍ତ କର୍ମଚାରୀ ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତ କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ ଯୋଗୁଁ ଅତି ଉଜ୍ଜ୍ୱଳମୟ ହୋଇ ପାରିଛି। ତେଣୁ ସମଗ୍ର ଶିକ୍ଷା ବିଭାଗକୁ ଧନ୍ୟବାଦ ଜଣାଉଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପାତ୍ର ।



● କାଉନସିଲରଙ୍କ ଘରୁ ଲୁଟ୍

# ଝିଅ ବେକରେ ଛୁରୀ ଲଗାଇ ଗହଣା ଲୁଟିନେଲେ ୨ ଦୁର୍ବୃତ୍ତ

ରାୟଗଡା,୩୧।୧(ସମିସ): ବର୍ଷକର ଝିଅ ବେକରେ ଛୁରୀ ଲଗାଇ ମାଆକୁ କାବୁ କରି ଘରୁ ସୁନା ଲୁଟିନେଲେ ଦୁଇ ଦୁର୍ବୃତ୍ତ। ଏଭଳି ଘଟଣା ଘଟିଛି ରାୟଗଡ଼ା ସହର ରାମକୃଷ୍ଣ ନଗରରେ। ଏଠାକାର ବାସିନ୍ଦା ତଥା ୪ନଂ ୱାର୍ଡ କାଉନସିଲର ସୁକାନ୍ତ ପରିଡ଼ାଙ୍କ ଘରେ ଏଭଳି ଘଟଣା ଘଟିଛି। କାନଫୁଲ ଦୁଇ ହଳ, ମଙ୍ଗଳସୂତ୍ର ସମେତ ଦୁଇ ହଳ ରୂପା ପାଉଁଜି ଏବଂ ଛୋଟ ଝିଅର ୪ ଟି ଖଡୁ ଲୁଟି ନେଇଥିବା ସୁକାନ୍ତ କହିଛନ୍ତି। ସୁକାନ୍ତଙ୍କ ସୂଚନା ଅନୁସାରେ ସନ୍ଧ୍ୟା ପ୍ରାୟ ୫ଟା ବେଳେ ମୁଖାପିନ୍ଧା ଦୁଇ ଦୁର୍ବୃତ୍ତ ତାଙ୍କ ଘର ପଛ ପଟୁ ପଶି ବର୍ଷକର ଝିଅ ବେକରେ ଛୁରୀ ଦେଖାଇ ତାଙ୍କ ପତ୍ନୀଙ୍କୁ ଘରେ ଥିବା ସୁନାଗହଣା ଦେବାକୁ କହିଥିଲେ। ଫଳରେ ସୁକାନ୍ତଙ୍କ ପତ୍ନୀ ଝିଅର ପ୍ରାଣ ବଞ୍ଚାଇବା ପାଇଁ ଘରେ ଥିବା ସମସ୍ତ ସୁନାଗହଣା ଦେଇ ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ। ଦୁର୍ବୃତ୍ତମାନେ ଯିବା ପରେ ସୁକାନ୍ତଙ୍କ ପତ୍ନୀ ସୁକାନ୍ତଙ୍କୁ ଫୋନ୍ କରି ସମସ୍ତ ବିଷୟ ଜଣାଇଥିଲେ। ଖବରପାଇବା ପରେ ସୁକାନ୍ତ ଘରେ ପହଞ୍ଚି ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୁଲିସ ଅନୁସନ୍ଧାନୀ କୁକୁର ସହିତ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଘଟଣାସ୍ଥଳରେ ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ତଦନ୍ତ ଚଳାଇଛନ୍ତି।

# ରକ୍ତଦାନ ଶିବିର; ୧୦୫ ୟୁନିଟ ସଂଗୃହୀତ

ଦାମନଯୋଡି/ସେମିଳିଗୁଡା,୩୧।୧(ସମିସ): କୋରାପୁଟ ଜିଲ୍ଲାର ନବରତ୍ନ କମ୍ପାନୀ ନାଲକୋ, ସରସ୍ୱତୀ ବିଦ୍ୟାମନ୍ଦିରରେ ଶହୀଦ ଦିବସ ପାଳନ ଅବସରରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ମିଳିତ ଆନୁକୁଲ୍ୟରେ ଏକ ବିରାଟ ରକ୍ତଦାନ ଶିବିରର ଆୟୋଜିତ୍ ହୋଇଯାଇଛି। ବିଦ୍ୟା ମନ୍ଦିରର ବରିଷ୍ଠ ଶିକ୍ଷକ ତଥା ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଲକୋ ସିଆଇଏସଏଫ୍‌ର ବରିଷ୍ଠ କମାଣ୍ଡାଣ୍ଟ ସତ୍ୟ ଦେବ୍ ଆର୍ଯ୍ୟା, ନାଲକୋ କାର୍ଯ୍ୟନିର୍ବହୀ ନିର୍ଦ୍ଦେଶକ ଅମରେନ୍ଦ୍ର ମିଶ୍ର, ମହାପ୍ରବନ୍ଧକ(ଫାଇନାନ୍ସ) ପ୍ରଶାନ୍ତ କୁମାର ମହାରଣା, ଏସଭିଏମର ପରିଚାଳନା ସମିତିର ପ୍ରଶାସନିକ ସଭ୍ୟ ଚନ୍ଦ୍ର ମୋହନ ମହନ୍ତ ଶିବିର ଉଦ୍‌ଘାଟନ କରିଥିଲେ। ନାଲକୋ ବିଦ୍ୟାମନ୍ଦିର ସଂପାଦକ ଡଃ ଚିତ୍ତରଂଜନ ମିଶ୍ର, ଏସଏଲଏନ ମେଡିକାଲ୍ କଲେଜର ଡ଼ାଃ ସୁଶାନ୍ତ କୁମାର ସାହୁ, ଅଧକ୍ଷ ଡ଼ଃ ଶୁଭ୍ରାଂଶୁ ଶେଖର ବାହିନୀପତି, ଆରଆଇ ପିକେ ମହାରଣା, ସ୍ନିଗ୍ଧାରାଣୀ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉକ୍ତ ଶିବିରରେ ନିଜେ ଇଡି ଅମରେନ୍ଦ୍ର ମିଶ୍ର ଓ ଜିଏମ୍ ଫାଇନାନ୍ସ ପିକେ ମହାରଣା ଓ ନାଲକୋ ଡାକ୍ତର ଡା. ଡି ରାମ କ୍ରିଷ୍ଣା ଓ ଡ଼ାଃ ବିବେକ ମଧ ରକ୍ତଦାନ କରି ନିଜେ ରକ୍ତଦାନ ପୂର୍ବକ ଅନ୍ୟମାନଙ୍କ ପାଇଁ ପ୍ରେରଣା ଉତ୍ସ ସାଜିଥିଲେ। ଡ. ନରେଶ ଚନ୍ଦ୍ର ସାହୁ ଆଜି ତାଙ୍କର ବ୍ୟକ୍ତିଗତ ୧୦୦ତମ ରକ୍ତଦାନ କରି ସେଞ୍ଚୁରିଆନ କ୍ଲବରେ ପ୍ରବେଶ କରିବା ସହ ସମସ୍ତେ ନିଜର ସାମାଜିକ ଦାୟିତ୍ୱ ତୁଲାଇଥିବା ପାଇଁ ଆହ୍ୱାନ କରିଥିଲେ। ସେହିପରି ଡଃ ଅଶୋକ ମହାନ୍ତି ତାଙ୍କର ୭୧ତମ ଓ ପ୍ରଦୀପ କୁମାର ତ୍ରିପାଠୀ ତାଙ୍କର ୬୦ତମ, ଡ଼ଃ ଜଳେନ୍ଦ୍ର ତ୍ରୀପାଠୀ ତାଙ୍କର ୬୭ତମ ଓ ଶେଫାଳୀ ପଟ୍ଟନାୟକ ତାଙ୍କ ନିଜ ଜନ୍ମ ଦିନ ପାଳନ ଅବସରରେ ୧୮ ତମ ରକ୍ତଦାନ କରିଥିଲେ। ଉକ୍ତ ଶିବିରରେ ୨୧ ଜଣ ଦମ୍ପତିଙ୍କ ସମେତ ସମୁଦାୟ ୧୦୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଡାକ୍ତର ମଧୁସୂଦନ ବଳିଆର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ଷ୍ଟାଫ ରଞ୍ଜିତ ସାହୁ, ଗୀତା ଓ ଅଜିତ ଗୌଡ଼ ରକ୍ତ ସଂଗ୍ରହ କରିଥିଲେ। ଡକ୍ଟର ନରେଶ ଚନ୍ଦ୍ର ସାହୁ, ପ୍ରଦୀପ ତ୍ରିପାଠୀ, ରଚନା ମିଶ୍ର, ସ୍ମୃତି ପାଢ଼ୀ, ନାରାୟଣ ଲାମତା ଓ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଫବିଡିଓ, ସଂପାଦିକା ସ୍ନିଗ୍ଧାରାଣୀ ମିଶ୍ର, ପବିତ୍ର ସାହୁ, ପ୍ରଦୀପ ତ୍ରିପାଠୀ, ବିଜୟ ସାହୁ, ନଳିନୀ ସେନାପତି, ଜୟ ବାଡିତ୍ୟା, ଜ୍ୟୋତ୍ସ୍ନା ବେହେରା,ଗଣେଶ ସାହୁ ଓ ଏ ମ ପଟ୍ଟନାୟକ ସହଯୋଗ କରିଥିଲେ। ନାଲକୋ ଡାକ୍ତର ଡା. ଡି ରାମ କ୍ରିଷ୍ଣା ଓ ଡା. ବିବେକ ମଧ ରକ୍ତଦାନ କରିଥିଲେ।




# ନିଖୋଜ ଛାତ୍ର ବସ୍‌ଷ୍ଟାଣ୍ଡରୁ ଉଦ୍ଧାର

କୋରାପୁଟ,୩୧।୧(ସମିସ): ଶୁକ୍ରବାର ସନ୍ଧ୍ୟାରୁ କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟରୁ ନିଖୋଜ ଥିବା ନବମ ଶ୍ରେଣୀର ଛାତ୍ର ନୈତିକ କୁମାର ସୁନାଙ୍କୁ ପୁଲିସ କୋରାପୁଟ ବସ୍‌ଷ୍ଟାଣ୍ଡ ଠାରୁ ଶନିବାର ଅପରାହ୍ନରେ ଉଦ୍ଧାର କରିଛି। କୌଣସି କାରଣରୁ ଛାତ୍ର ଜଣକ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟରୁ ଗାଏବ ହୋଇଯାଇଥିଲେ। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିବା ସହ ଛାତ୍ରଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ତୁରନ୍ତ ଦୁଇଟି ଟିମ୍ ଗଠନ କରି ନିଖୋଜ ଛାତ୍ରଙ୍କ ତଲାସୀ ଆରମ୍ଭ କରିଥିଲେ। ପୁଲିସ କୋରାପୁଟ ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡରେ ଖୋଜାଖୋଜି କରିବା ବେଳେ ରେଳ ଷ୍ଟେସନର ସିସି ଟିଭି ଫୁଟେଜରେ ନୈତିକ ଦେଖାଯିବାରୁ ଗୋଟିଏ ଟିମ ଜଗଦଲପୁର ଯାଇଥିବା ବେଳେ ଅନ୍ୟଏକ ଟିମ୍ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଶନିବାର ଅପରାହ୍ନରେ ପୁଲିସ ନୈତିକକୁ କୋରାପୁଟ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ପୁଲିସ ଛାତ୍ର ଜଣଙ୍କୁ ପିତାମାତାଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

# ଅଙ୍ଗନବାଡି କେନ୍ଦ୍ରରେ କିଶୋରୀ ମେଳା

ଡାବୁଗାଁ, ୩୧।୧(ସମିସ): ନବରଙ୍ଗପୁର ଜିଲ୍ଲା ଆକାଂକ୍ଷା ଡାବୁଗାଁ ବ୍ଲକର ଘୋଡ଼ାଖୁଣ୍ଟା ଗ୍ରାମ ପଞ୍ଚାୟତ ଅଧୀନ ଘୋଡାଖୁଣ୍ଟା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସେକ୍ଟର ସୁପରଭାଇଜର ସାଇରା ବାନୁଙ୍କ ଉପସ୍ଥିତିରେ କିଶୋରୀ ମେଳା ଶନିବାର ଆୟୋଜିତ ହୋଇଯାଇଛି। ଯାହାର ଉଦ୍ଦେଶ୍ୟ ୧୦।୧୯ ବର୍ଷ ବୟସର କିଶୋରୀମାନଙ୍କୁ ସଶକ୍ତ କରିବା ଥିଲା। ଏହାର ଲକ୍ଷ୍ୟ କିଶୋରୀମାନଙ୍କ ପାଇଁ ଝୁମ୍ପୁକି ଓ ଅସୁରକ୍ଷା କମାଇବା, ସେମାନଙ୍କୁ ଆତ୍ମନିର୍ଭର, ସଶକ୍ତ ଓ ସ୍ଥାୟୀ କରିବା, ବାଲ୍ୟବିବାହ ପ୍ରତିରୋଧ କରିବା, କିଶୋରୀମାନଙ୍କ ବିରୁଦ୍ଧରେ ହିଂସା ଅବସାନ କରିବା ଏବଂ ସେମାନଙ୍କୁ ସରକାରୀ କଲ୍ୟାଣ ଯୋଜନା ସମୂହ ସହିତ କିଶୋରୀମାନଙ୍କୁ ସଂଯୋଗ କରିବା। ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡା, ଅଙ୍ଗନବାଡି କର୍ମୀ ସନ୍ଧ୍ୟା ପାଢୀ, ମହିଳା ସ୍ୱାସ୍ଥ୍ୟ କର୍ମୀ, ଅନ୍ୟ ଅଙ୍ଗନବାଡ଼ି କେନ୍ଦ୍ର ଅଙ୍ଗନବାଡ଼ି କର୍ମୀମାନେ ଓ ୧୦ ରୁ ୧୯ ବର୍ଷର କିଶୋରୀମାନେ ଉପସ୍ଥିତ ଥିଲେ।



# ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପୋଡ଼ାଗଡ଼,୩୧।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅଧୀନସ୍ଥ ପୋଡ଼ାଗଡ ପିଏମଶ୍ରୀ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦଶମନ୍ତପୁର ବିଡିଓ ସିଦ୍ଧେଶ୍ୱର ନାୟକ, ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିଷେକ ଭୁଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବ୍ୟଜୟ ଜୁଲିଏସ, ବିହାରୀ ଖରା, ସୁରେଶ କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷ ସୁରେଶ କୁମାର ନାଗ ବାର୍ଷିକ ବିବରଣୀ ପଠନ କରିଥିଲେ। ଗତ ଦିନମାନଙ୍କରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା ଶିକ୍ଷକ ସୋରାଜ କୁମାର ସାହୁ କରିଥିଲେ। ଶେଷରେ ବିଦ୍ୟାଳୟର ଅଧକ୍ଷ ସୁରେଶ କୁମାର ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।



# ଭିନ୍ନକ୍ଷମ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

କୁନ୍ଦୁରା,୩୧।୧(ସମିସ) : କୁନ୍ଦୁରା ବ୍ଲକ୍ କନଫେରେନ୍ସ ହଲଠାରେ ଭିନ୍ନକ୍ଷମଙ୍କ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ଖେଳ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ବନିତା କାନ୍ଦଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ,ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମନସ୍ୱିତା, ସମିତି ଉପାଧକ୍ଷ ତରୁଣୀ ସେନ ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ଜିପିଇଓ ଜଗତସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କୁନ୍ଦୁରା ବ୍ଲକରେ ପ୍ରଥମ ଥର ଅନୁଷ୍ଠିତ ହେଉଥିବା ବେଳେ ଆସନ୍ତା ଫେବୃଆରୀ ୩ ରେ ଏହି କାର୍ଯ୍ୟକ୍ରମ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି। ଭିନ୍ନକ୍ଷମଙ୍କ ନିମନ୍ତେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ବେଙ୍ଗ ଡିଆଁ, ବସ୍ତା ଡିଆଁ, ନୃତ୍ୟ, ଚିତ୍ର, ସଟପୁଟ ଥ୍ରୋ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ, ପେଇଣ୍ଟ ଏବଂ ୧୦୦ ମିଟର ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ଅନୁଷ୍ଠାନ କିମ୍ବା ଘରଠାରୁ କିଭଳି ଖେଳପଡିଆ ପର୍ଯ୍ୟନ୍ତ ନିଆଯିବ ତାହାର ସମସ୍ତ ବ୍ୟବସ୍ଥା କରିବାକୁ ପିଇଓମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ବିଡ଼ିଓ। ସମସ୍ତ ପ୍ରତିଯୋଗିତା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ଶାସ୍ତ୍ରୀ ମୈଦାନଠାରେ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସମସ୍ତ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକମାନଙ୍କୁ ୩ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ରହିଥିବା ଦାୟିତ୍ୱ ଗୁଡିକ ସମ୍ପନ୍ନ କରିବାକୁ ନ୍ୟସ୍ତ କରାଯାଇଛି। ସେହିଭଳି ଭିନ୍ନକ୍ଷମମାନଙ୍କ ନିମନ୍ତେ ଖେଳ ପଡିଆଠାରେ ବିଶ୍ରାମ ନେବା ନିମନ୍ତେ ବ୍ୟବସ୍ଥା ପିଇଓମାନଙ୍କ ଦ୍ୱାରା କରାଯିବା ନେଇ ବ୍ୟବସ୍ଥା ରହିଥିବା ବିଡ଼ିଓ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ପୂଜାରୀ, ଦେବାଶିଷ ପଟ୍ଟନାୟକ, ବସନ୍ତ ଭୋଳ, ଘାସି ଭତ୍ରା, ଲବ ପରଜା, ଦାମଦୋରଗଣ୍ଡା, ଦୁତିକା ଭୂମିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଟ୍ ୫ ବାଇକ ଏବଂ ୨ ଗ୍ୟାସ ସିଲିଣ୍ଡର ଉଦ୍ଧାର; ୫ ଗିରଫ

ଜୟପୁର,୩୧।୧(ସମିସ): ଜୟପୁର ଟାଉନଥାନା ପୁଲିସକୁ ଏକ ବଡ ସଫଳତା ମିଳିଛି। ଗତ ୫ ମାସ ମଧ୍ୟରେ ସହରର ବିଭିନ୍ନ ସ୍ଥାନରୁ ୫ ବାଇକ୍ ଲୁଟ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ବିବେକାନନ୍ଦ ଛାତ୍ରାବାସର ରୋଷେଇ ଘରରୁ ୨ଟି ରନ୍ଧନ ଗ୍ୟାସ ଲୁଟ କରିବା ଅଭିଯୋଗରେ ୫ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ଓଡିଆ ମେଦ୍ରୀ ସାହିର ବିଶାଳ ନାଗ (୨୦), ରିଙ୍କୁ ବାଗ (୨୦), ସୁନୀଲ ପରଜା ଓରଫ ଲାଲୁ (୧୯), ଖ୍ରୀଷ୍ଟିଆନ ସାହି ବିଜୁ ରାଜନଗର ଆଦିତ୍ୟ ଖୋସ୍ଲା (୨୩) ଏବଂ ଖ୍ରୀଷ୍ଟିଆନ ସାହିର ରାକେଶ ହରିଜନ (୨୩)। ଅଭିଯୁକ୍ତମାନଙ୍କ ନିକଟରୁ ୫ଟି ଚୋରି ବାଇକ ଏବଂ ୨ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଗତକାଲି ପୂର୍ବାହ୍ନରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ମୁଖ୍ୟରାସ୍ତା ରହିଥିବା ବିବେକାନନ୍ଦ ଛାତ୍ରାବାସର ରୋଷେଇ ଘରରୁ ଦୁଇଟି ସିଲିଣ୍ଡର ଚୋରି ହୋଇଥିବା ନେଇ ଛାତ୍ରାବାସ ଅଧକ୍ଷକ ଡ. ଲକ୍ଷ୍ମଣ ପାତ୍ର ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଟାଉନଥାନା ପୁଲିସ ସିସି କ୍ୟାମେରା ଏବଂ ଅନ୍ୟାନ୍ୟ ଯାଞ୍ଚ ପରେ ଅଭିଯୁକ୍ତ ଓଡିଆ ମେଦ୍ରୀ ସାହିର ସୁନୀଲକୁ ଗିରଫ କରିବା ସହିତ ୨ ଟି ସିଲିଣ୍ଡର ଜବତ କରିଥିଲେ। ସେହିପରି ସେପ୍ଟେମ୍ବର ୯ ତାରିଖରେ କୁମ୍ଭାର ସାହି ଅଞ୍ଚଳର ବାସିନ୍ଦା ପି .ଶ୍ରୀନିବାସ ରେଡ୍ଡି, ଗତ ୨୩ ତାରିଖରେ ସ୍ଥାନୀୟ ରୁଷିଆ କୋଲନୀର ପିଣ୍ଟୁ ଜାନୀଙ୍କ ବାଇକ ନିଜ ନିଜ ଘର ସମ୍ମୁଖରେ ଚୋରି ହୋଇଥିବା ଏବଂ ଗତ ନଭେମ୍ବର ୪ ତାରିଖରେ କଣ୍ଡରା ସାହିର ସୁମିତ ବେହେରାଙ୍କ ବାଇକ ସ୍ଥାନୀୟ ଖାଲ ସାହି ଡଲଫିନ ହୋଟେଲ ନିକଟରେ ଚୋରି ହୋଇଥିବା ଏବଂ ଗତ ୨୩ ତାରିଖରେ ସଦରଥାନା ବାସିନ୍ଦା ବାରିଣିପୁଟର ମହିଳା ଶ୍ରୀମତି କମଳା ବାରିକଙ୍କ ବାଇକ ସ୍ଥାନୀୟ କୋର୍ଟ ପରିସରର ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ମାମାଲ ରୁଜୁ କରିଥିବା ବେଳେ ତଦନ୍ତ ଆରମ୍ଭ କରିଥିଲେ। ଏହିପରି ଅଭିଯୁକ୍ତ ବିଶାଳ ନିକଟରୁ ଦୁଇଟି ଚୋରି ବାଇକ ଜବତ କରାଯାଇଥିବା ନେଇ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି ।



## ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବଦଳି ଆଦେଶ ରଦ୍ଦ

**● ଜିଲ୍ଲାପାଳ ଦେଇଥିଲେ ବଦଳି ଆଦେଶ**

ରାୟଗଡା,୩୧।୧(ସମିସ): ରାୟଗଡା ଜିଲ୍ଲାର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବଦଳି ପ୍ରକ୍ରିୟାରେ ଏକ ବଡ଼ ଆଇନଗତ ନିଷ୍ପତ୍ତି ଶୁଣାଇଛନ୍ତି ଓଡ଼ିଶାର ଉଚ୍ଚ ନ୍ୟାୟାଳୟ। ରାୟଗଡା ଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ବଦଳି ନିର୍ଦ୍ଦେଶକୁ ବେଆଇନ ଦର୍ଶାଇ ହାଇକୋର୍ଟ ଜିଲ୍ଲାପାଳଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ରାୟଗଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ଗତ ୨୦୨୫ ଡିସେମ୍ବର ୧୦ ତାରିଖରେ ଜିଲ୍ଲାର ୭ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଜିଲ୍ଲାରେ ବିଭିନ୍ନ ସ୍ଥାନକୁ ଅଦଳବଦଳ କରି ବଦଳି ଆଦେଶ ଜାରି କରାଯାଇଥିଲା। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାୟଗଡା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଓ ଅନ୍ୟମାନେ ହାଇକୋର୍ଟରେ ପୃଥକ ପୃଥକ ରିଟ୍ ପିଟିସନ ଡବ୍ଲ୍ୟୁପିସି ୩୬୦୧୭,୩୬୦୨୩,୩୬୦୨୬, ଏବଂ ୩୬୦୨୭ ଅଫ ୨୦୨୫ ମାମଲା ଦାୟର କରିଥିଲେ। ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ସମସ୍ତ ମାମଲାକୁ ଏକତ୍ର ଶୁଣାଣି କରି ଜାନୁୟାରୀ ୨୮ ରେ ନିଷ୍ପତ୍ତି ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏଏସସି ଏସ୍‌ପି ଦାସ ପକ୍ଷ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଜିଆର ସେଠୀ ଯୁକ୍ତି ଦର୍ଶାଇଥିଲେ ଯେ, ଓଡ଼ିଶା ସବଅର୍ଡିନେଟ୍ ୱେଲଫେୟାର ସର୍ଭିସେସ୍ ରୁଲ୍ସ, ୧୯୯୨' ଅନୁଯାୟୀ ଜିଲ୍ଲାପାଳଙ୍କର ବଦଳି କରିବା ପାଇଁ କୌଣସି ଆଇନଗତ କ୍ଷମତା ନାହିଁ। ଉକ୍ତ ନିୟମାବଳୀ ଅନୁଯାୟୀ, କେବଳ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ନିର୍ଦ୍ଦେଶକ ହିଁ ଏହି ଅଧିକାରୀଙ୍କୁ ବଦଳି କରିବା ପାଇଁ ଏକମାତ୍ର ସକ୍ଷମ କର୍ତ୍ତୃପକ୍ଷ। ଏଥିସହ ଏହି ମାମଲା ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବିଭାଗ ଦ୍ୱାରା ପ୍ରଦତ୍ତ କାର୍ଯ୍ୟୋତ୍ତର ଅନୁମୋଦନକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି। ଯେହେତୁ ଜିଲ୍ଲାପାଳଙ୍କ ପାଖରେ ଏହି କ୍ଷମତା ନାହିଁ, ତେଣୁ ତାଙ୍କ ଦ୍ୱାରା ଜାରି ଆଦେଶ ସମ୍ପୂର୍ଣ୍ଣ ଭାବେ ଅବୈଧ କହି ଏହାକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଥିବା ସୂଚନା ଦେଇଛନ୍ତି ଆବେଦନକାରୀଙ୍କ ଓକିଲ ଶ୍ରୀ ସେଠୀ।

**ପାଣିଡଙ୍ଗର ଡ୍ୟାମ୍ କାର୍ଯ୍ୟକ୍ଷମ କେବେ?**

# କାର୍ଯ୍ୟ ଶେଷ ହୋଇ ବିତିଲାଣି ୧୦ ବର୍ଷ

ଗୁଡାରୀ,୩୧।୧(ସମିସ): ଗୁଡାରୀ ବ୍ଲକ୍ ବଂଶଧାରା ନଦୀ ଉପରେ ନିର୍ମିତ ପାଣିଡଙ୍ଗର ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇ ୧୦ ବର୍ଷ ବିତିଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ନେରେଡିଠାରେ ପୁନଃ ନିର୍ମାଣଧୀନ ଗୋଟା ଡ୍ୟାମ୍‌କୁ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ର ସରକାର ଉଦ୍ୟତ ହେଉଥିବା ବେଳେ ଏହି ଡ୍ୟାମ କେବେ କାର୍ଯ୍ୟକ୍ଷମ ହେବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶର ନେରେଡିଠାରେ ନିର୍ମାଣାଧୀନ ଗୋଟା ଡ୍ୟାମକୁ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେବା ପରେ ଏହାକୁ ନେଇ ସେହିସମୟର ପୂର୍ବତନ ବିଜେଡି ସରକାର ଆନ୍ଧ୍ରପ୍ରଦେଶର ନେରେଡି ଗଟା ଡ୍ୟାମକୁ ଚକମା ଦେବା ପାଇଁ ଗୁଡାରୀ ବ୍ଲକ୍ ବଂଶଧାରା ନଦୀ ପାଣିଡଙ୍ଗର ଠାରୁ ଋଷିକୁଲ୍ୟା ନଦୀକୁ ସଂଯୋଗୀକରଣ କରି ଡ୍ୟାମ୍ ନିର୍ମାଣ ପାଇଁ ଯୋଜନା କରିଥିଲେ। ଯାହା ୨୦୦୫ ମସିହାରେ ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ କରକମଳରେ ଉଦ୍‌ଘାଟନ କରାଯାଇଥିଲା। ବ୍ରହ୍ମପୁର ସ୍ଥିତ ଜଳସମ୍ପଦ ବିଭାଗ ପକ୍ଷରୁ ଏଠାରେ ଥିବା କାର୍ଯ୍ୟାଳୟ ଖୋଲି ଦିଲ୍ଲିରୁ ଏକ ଟିମକୁ ପ୍ରକଳ୍ପ ଟେଣ୍ଡର ଦିଆଯାଇଥିଲା। ସେମାନେ ୧୨ ବର୍ଷ ଧରି ପାଣିଡଙ୍ଗର ଜଳସେଚନ ପାଇଁ ସର୍ଭେ କରିଥିଲେ। ତେବେ ଉକ୍ତ ଟିମର କହିବା ପ୍ରକାରେ, ପାଣି ଡଙ୍ଗର କେନାଲ ପଏଣ୍ଟରୁ ରାଇଟ ବେଙ୍କର ସିରିଜୁଲି ପର୍ଯ୍ୟନ୍ତ ସମସ୍ତ ସର୍ଭେ ପିଲର ପଏଣ୍ଟେ ଶେଷ ହୋଇଛି। ଏହି ପାଣି ଡଙ୍ଗର



ଠାରୁ ଲେଫ୍ଟ ପଟ କିନିଡି ପର୍ଯ୍ୟନ୍ତ ସମସ୍ତ କାମ ଶେଷ ହୋଇଛି। ବଂଶଧାରା ନଦୀ ଏବଂ ଋଷିକୂଲ୍ୟା ନଦୀ ସଂଯୋଗୀକରଣ ନାମ ଦେଇ ଆରମ୍ଭ କରାଯାଇଥିଲା। କିନ୍ତୁ ଶେଷରେ ଋଷିକୁଲ୍ୟା ନଦୀକୁ ବାଦ୍ ଦେଇ ଏହାକୁ ଲେର୍ ୱାନ ବଂଶଧାରା ପ୍ରେଜେକ୍ଟ ପାଣି ଡଙ୍ଗର ବୋଲି ନାମ ଦିଆଯାଇ ସର୍ଭେ ଶେଷ କରାଯାଇଥିଲା। ପରିବର୍ତ୍ତି ସମୟରେ ଜଳସମ୍ପଦ ବିଭାଗ ଏହାକୁ ଚେକ୍ ଡେମ କରିବା ପାଇଁ ପରିକଳ୍ପନା କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ବୋଲି ଟିମ କହିବା ସହ ତାଙ୍କୁ ପ୍ରାୟ ୧୦ ବର୍ଷ ହେଲାଣି ଦରମା ମିଳି ନଥିବା କହିଛନ୍ତି। ସମସ୍ତ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଲିଖିତ ଚିଠି କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ ବୋଲି ସେମାନେ କହିଛନ୍ତି। ଏ ସମସ୍ତ ବିଷୟକୁ ତର୍ଜମା କଲେ କଣ ପାଇଁ କୋଟି କୋଟି ଖର୍ଚ୍ଚ କରାଯାଇଥିବା ଏହି ଡ୍ୟାମ୍ କାଗଜ ପେନ୍‌ରେ ସିମିତ ହୋଇ ରହିଛି, ଅନ୍ୟପଟେ ଅପରର୍ଯ୍ୟାପ୍ତ ଟଙ୍କା ବାଟ ବାରଣା ହେବା ଗନ୍ଧ ବାରି ହେଉଛି ବୋଲି ସାଧାରଣ ଲୋକେ କହିଛନ୍ତି। ଗୁଡାରୀ ବ୍ଲକ୍ ଏହି ପାଣି ଡଙ୍ଗର ନିର୍ମାଣ ହେଲେ ଜମିକୁ ପାଣିର ଅଭାବ ଦେଖାଯିବନି। ଏହି ଡ୍ୟାମ୍ ହେବା ଫଳରେ ବର୍ଷକୁ ଦୁଇଟି ଫସଲ ଆମଦାନୀ ହୋଇପାରିବ। ଚାଷି ବର୍ଷ ବର୍ଷ ଧରି ଅନାଇ ବସିଥିବା ବେଳେ କାର୍ଯ୍ୟକ୍ଷମ କେବେ ହେବ ସମୟ ହିଁ କହିବ। ଏମିତିରେ କିଛି ଦିନ ତଳେ କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶର ଏହି ନେରେଡି ଗୋଟା ଡେମକୁ ପୁଣି ନିର୍ମାଣ କରିବା ସବୁଜ ସଙ୍କେତ ଦେଇଛନ୍ତି। ଏହାକୁ ନେଇ ଆନ୍ଧ୍ର ସରକାର ଏକ ଟିମ୍ କାଶିନଗର ଏବଂ ଗୁଣପୁର ଗୁପ୍ତ ଭାବେ ସର୍ଭେ କରି ଯିବା ଜଣାପଡ଼ିଛି। ଯଦି ଆନ୍ଧ୍ର ଏଥିରେ ସଫଳ ହୁଏ ତେବେ କାଶିନଗର ଗୁଣପୁର ଗୁଡାରୀ ଅଞ୍ଚଳବାସୀ ବହୁତ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ଏଣୁ ପାଣି ଡଙ୍ଗର ଡ୍ୟାମକୁ କାର୍ଯ୍ୟକ୍ଷମ କରେ ଏଠାକାର ହଜାର ହଜାର ଚାଷ ଜମିକୁ ଜଳସେଚନ ସୁବିଧା ହୋଇପାରିଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ



ରାୟଗଡା,୩୧।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସର ସମାପନ ଉତ୍ସବ ରାୟଗଡା ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଆଜି ଅନୁଷ୍ଠିତ ହୋଇଛି। ଏହି ସମାପନ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋସେନ ବାର୍ଲା, ସମ୍ମାନିତ ଅତିଥି ରାୟଗଡା ଉପଖଣ୍ଡ ପୋଲିସ ଅଧିକାରୀ ଗୌର ହରି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପାଲ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୋଟର ଯାନ ନିରୀକ୍ଷକ ଦୁର୍ଗା ପ୍ରସାଦ ରାଓ ଉପସ୍ଥିତ ରହିଥିବା ବେଳେ ଟିଆଇ ଯଶକେତନ ଭରାସଗରିଆ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ସଡ଼କ ସୁରକ୍ଷା ନିୟମ ପାଳନ, ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଯାନଚାଳନା ନ କରିବା ଏବଂ ଟ୍ରାଫିକ୍ ନିୟମକୁ କଡାକଡି ପାଳନ କରିବା ଉପରେ ସାଧାରଣ ଜନତାଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଜିଲ୍ଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିପଦ ସମ୍ମୁଖରୁ ଗୋଲଡେନ୍ ସମୟରେ ସାହାଯ୍ୟ ପ୍ରଦାନ କରିଥିବା ଗୁଡ୍ ସାମରିଟାନ୍ ଆକୁଳ ରାଜା, କ୍ରିଷ୍ଣା ଅଦ୍ୱିତି , ନିରଞ୍ଜନ ପୂଜାରୀ, ନିରଞ୍ଜନ ସାହୁ, ଜି. ମହେଶ୍ୱର ରାଓ, ଟୁନିବାଡ଼ ତିରୁମଲ୍ଲା , ଜଗଜୀବନ ନାଏକ, ଅମିୟ କୁମାର ଦାଶ, ସରୋଜ କୁମାର ମଣ୍ଡଳ, କାସି ନାୟକ, ମନରଞ୍ଜନ ମହାପାତ୍ରଙ୍କୁ ନଗଦ ରାଶି ଓ ମାନପତ୍ର ଦେଇ ସମ୍ମାନିତ କରିବା ସହିତ ମୃତ୍ୟୁଞ୍ଜୟ ସ୍ୱାଇଁ, ପ୍ରସନ୍ନ କୁମାର ଦାସ, ତାପସ କୁମାର ଦଳାଇ, ଏଲଟି ଉଦୟ ନାଏକ, ରଞ୍ଜିତ କୁମାର ଗିରି, ଡ୍ରାଇଭର୍ ମହାସଂଘ ଗୁମ୍ମା ପଞ୍ଚାୟତ ଓ ରାୟଗଡାଙ୍କୁ ପ୍ରଶଂସା ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ଏସଡିଆଇପିଆରଓ ଦେବରାଜ ଟାକ୍ରି, ସଡ଼କ ସୁରକ୍ଷା କମିଟିର ସଦସ୍ୟ ଶିବ ନାରାୟଣ ଗୌଡ଼, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ଆଜିଠୁ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ**

## 'ମାଲ୍ୟବନ୍ତ' ମହୋତ୍ସବ ପାଇଁ ଫେବୃଆରୀ ୬ ପର୍ଯ୍ୟନ୍ତ ମଦ ବିକ୍ରି ନିଷେଧ




ମାଲକାନଗିରି, ୩୧।୧(ସମିସ): ମାଲ୍ୟବନ୍ତ ମହୋତ୍ସବ ନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ମାଲ୍ୟବନ୍ତ ମହୋତ୍ସବ-୨୦୨୫ କୁ ଆନନ୍ଦ ଉଲ୍ଲାସର ସହ ଶାନ୍ତି ଶୃଙ୍ଖଳାରକ୍ଷା କରି ଉପଭୋଗ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ଜିଲ୍ଲା ପ୍ରଶାସନର ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ୫୦୦ ପୁଲିସ ଓ ବିଏସଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ସମସ୍ତ ଗତିବିଧି ଉପରେ ନଜର ରଖିବା ପାଇଁ ଡିଏନ୍‌କେ ଖେଳ ପଡିଆ ସହ ସହର ସାରା ସିସିଟିଭି ଖଞ୍ଜା ଯାଇଛି। ୨୯ ଜାନୁଆରୀରୁ ଫେବୃଆରୀ ୬ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ମଦ ବିକ୍ରିକୁ ନିଷେଧ କରାଯାଇଛି। ମହୋତ୍ସବର ପ୍ରଥମ ଦିନ ବଲିଉଡ୍ କଳାକାର ତ୍ରିଶା ଚାଟାର୍ଜୀ, ଦ୍ୱିତୀୟ ସଂଧ୍ୟାରେ ଦିପ୍ତିରେଖା ପାଢ଼ୀ, ତୃତୀୟ ସଂଧ୍ୟାରେ କୁଲଦୀପ ପଟ୍ଟନାୟକ ଓ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶାଶ୍ୱତ ଯୋଶୀ, ଚତୁର୍ଥ ସଂଧ୍ୟାରେ ମଣ୍ଟୁ ଛୁରିଆ ଓ ଉଦଯାପନୀ ସନ୍ଧ୍ୟାରେ ସୁପ୍ରସିଦ୍ଧ କଣ୍ଠ ଶିଳ୍ପୀ ଯାସର୍ ଦେଶାଇ ଓ ଓଲିଉଡ୍ କଳାକାର ସହିନି ମିଶ୍ର କଳା ପରିବେଷଣ କରିବେ। ସ୍ଥାନୀୟ କଳାକାର ସଂଧ୍ୟା ୫ ଟାରୁ ୭ ଟା ପର୍ଯ୍ୟନ୍ତ କଳା ପରିବେଷଣ କରିବେ। ପ୍ରତ୍ୟେକ ରାତ୍ରିରେ ଅହରହ ଦେଶୀୟ ନାଟକ ପରିବେଷଣ ହେବ। ଚଳିତ ବର୍ଷ ପଲ୍ଲୀଶ୍ରୀ ମେଳାରେ ୧୨୦ ଟି ଷ୍ଟଲ୍ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ବିଭିନ୍ନ ବିଭାଗକୁ ୨୦, ୩୦ ଖାଦ୍ୟ, ବିକ୍ରିବଟା ପାଇଁ ୫୫ ଓ ୧୫ ଟି ଷ୍ଟଲ୍‌କୁ ଦେୟମୁକ୍ତ କରାଯାଇଛି। ପରିମଳ ନିମନ୍ତେ ୨୨ଜଣ ସ୍ୱଚ୍ଛ କର୍ମୀଙ୍କୁ ନିୟୋଜିତ କରାଯାଇଛି। ମାଲ୍ୟବନ୍ତ ମଞ୍ଚକୁ ସହିଦ୍ ତାମ୍ପା ଦୋରା ରଙ୍ଗ ମଞ୍ଚ ନାମରେ ନାମିତ କରାଯାଇଛି। ବସିବା ନିମନ୍ତେ ୩୦୦୦ ଚେୟାର ବ୍ୟବସ୍ଥା କରାଯାଇଛି। ମହୋତ୍ସବ ସକାଳ ୯ ଟାରେ ଏକ ବିଶାଳ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର ଠାରୁ ଡିଏନ୍‌କେ ପଡିଆ ପର୍ଯ୍ୟନ୍ତ ଆୟୋଜନ ହେବ। ପାର୍କିଂ ପାଇଁ ମଧ୍ୟ ପୌର ପରିଷଦ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି। ମହୋତ୍ସବ ପଡିଆରେ ଗହଳି ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପ୍ରବେଶ ଓ ବାହାରକୁ ଯିବା ପାଇଁ ରାସ୍ତା ବ୍ୟବସ୍ଥା କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମହୋତ୍ସବ ନିମନ୍ତେ ଆବଶ୍ୟକ ଥିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି।

### ● ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି



ମାଲକାନଗିରି,୩୧।୧(ସମିସ): ରବିବାରଠାରୁ ମାଲକାନଗିରି ଜିଲ୍ଲାର ଐତିହ୍ୟ ଏବଂ ପରମ୍ପରାକୁ ବହନ କରୁଥିବା ଗଣପର୍ବ ତଥା ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଶୁଭାରମ୍ଭ ହେବାକୁ ଯାଉଛି। ତେବେ ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବେସ ତତ୍ପରତା ଦେଖିବାକୁ ମିଳିଛି। ସମସ୍ତ କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ

**ପ୍ରଥମ ସନ୍ଧ୍ୟାରେ ବଲିଉଡ୍ କଳାକାର ତ୍ରିଶା ଚାଟାର୍ଜୀ ମୁଖ୍ୟ ଆକର୍ଷଣ**

ଜିଲ୍ଲା ସଦରରେ ଥିବା ଦଣ୍ଡକାରଣ୍ୟ ଖେଳ ପଡିଆରେ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ପ୍ରଶାସନିକ ଅଧିକାରୀ ଏବଂ ସୁରକ୍ଷା ବାବସ୍ଥା ପାଇଁ ଶତାଧିକ ପୁଲିସ ମୁତୟନ କରାଯାଇଛି। ୧ ଫେବୃଆରୀ ଠାରୁ ୫ ଫେବୃଆରୀ ଯାଏଁ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଏଥିରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଲୋକ କଳା ଓ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ ହେବ। ଯାହାକୁ ନେଇ ହାଜର ହଜାର ଲୋକଙ୍କ ଭିଡ ଜମିବାକୁ ଥିବାରୁ ସମସ୍ତ ବ୍ୟବସ୍ଥା ଉପରେ ଅଧିକାରୀମାନେ ଚୁଡାନ୍ତ ତଦାରଖ କରୁଥିବା ଦେଖିବାକୁ ମିଳିଛି।

## ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ

ପଦ୍ମପୁର,୩୧।୧(ସମିସ ): ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ୍ ଖମାପଦର ପଞ୍ଚାୟତ ରୟଲପଦର ଛକରେ ତ୍ରିନାଥ ଠାକୁରଙ୍କ ସପ୍ତଦଶ ବାର୍ଷିକ ଉତ୍ସବ ମହାସମାରୋହରେ ଅଷ୍ଟପ୍ରହର ନାମଯଜ୍ଞ ସହ ପାଳିତ ହୋଇଛି। ମାଘମାସ ଭୌମୀ ଏକାଦଶୀ ଦିନ ନାମଯଜ୍ଞ ଆରମ୍ଭ ହୋଇ ତାପର ଦିନ ଶେଷ ହୋଇଛି। ରାୟଲପଦର ,ମାରିଗୁଡ଼ା ଖମାପଦର ,ବିରିପଦର ,ଅରେଇ ,ଶିଖରପାଇ, ଓ ପଦ୍ମପୁରର ହଜାର ହଜାର ଭକ୍ତ ଉକ୍ତ ନାମଯଜ୍ଞରେ ଭାଗ ନେଇଥିଲେ। ସମସ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ପ୍ରଦୀପ କୁମାର ବାହିନୀପତି, ଗୋପାଳ ଚନ୍ଦ୍ର ସାହୁ, ନବୀନ ଦାଶ, ନୀଳକଣ୍ଠ ଗୌଡ଼, ସଦାନନ୍ଦ ପଣ୍ଡା, ବାଳକୃଷ୍ଣା, ଚକ୍ରଧର ଗୌଡ଼, ପରମାନନ୍ଦ ମିଶ୍ର ପ୍ରମୁଖଙ୍କ ସହଯୋଗରେ ଅଷ୍ଟପ୍ରହର ପରିଚାଳିତ ହୋଇଥିଲା।

## ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଟିକିରି,୩୧।୧(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ ରବି ନାରାୟଣ ମିଶ୍ର, ପ୍ରକଳ୍ପ ପ୍ରଶାସକ, ଉକ୍ରଳ ଆଲୁମିନା, ମଜହର ବେଗ, ପ୍ରକଳ୍ପ ପ୍ରଶାସକ, ଆଦିତ୍ୟ ଆଲୁମିନା, କଂସାରିଗୁଡ଼ା, ଉମରସିଂହ ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ, କାଶିପୁର, ମୁଖ୍ୟବକ୍ତା ସୁରେନ୍ଦ୍ର ପଟ୍ଟନାୟକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସମ୍ମାନିତ ଅତିଥି ଦୀନକୃଷ୍ଣ ମିଶ୍ର, ଥାନା ଅଧିକାରୀ, ଟିକିରି, ମୋହନ ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, କାଶିପୁର, ସୁରେଶ କୁମାର ପାତ୍ର, ସଭାପତି, ବିଦ୍ୟାଳୟ ପରିଚାଳନା କମିଟି, ରାମ ମୋହନ ମହାନ୍ତି, ସଭାପତି ପଞ୍ଚସଖା ସେତୁ ଉପସ୍ଥିତ ଥିଲେ। ବାର୍ଷିକ କ୍ରିଡାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜୀତ ମିଶ୍ର ଓ ମୋନାଲିସା ଶତପଥୀ ମଞ୍ଚ ପରିଚାଳନା କରିଥିଲେ । ଆବାହକ ବକୁଳରାଣୀ ଦାସ ଭାରପ୍ରାପ୍ତ ଅଧ୍ୟକ୍ଷାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ପରିଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ କ୍ରଷ୍ଣାବେଣୀ ବାଟି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଟିକିରି ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନା କମିଟି, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ,ଅଧାପକ ଅଧାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ନିଶୁଳ୍କ ଅାଟୋ ସେବାର ଶୁଭାରମ୍ଭ



ବିଷମକଟକ,୩୧।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ହାଟ ମୁନିଗୁଡା ପଞ୍ଚାୟତର ରୋଗୀମାନଙ୍କୁ ମାଗଣାରେ ମେଡିକାଲ ପହଞ୍ଚାଇବା ନିମନ୍ତେ ହାଟମୁନିଗୁଡାରୁ ନିଶୁଳ୍କ ସେବା ଆରମ୍ଭ ହୋଇଛି। ଏହି ନିଶୁଳ୍କ ସେବା ମାସର ପ୍ରତ୍ୟେକ ଶନିବାର ସକାଳ ୯ ଘଟିକାରୁ ୧୧ ଘଟିକା ଏବଂ ଅପରାହ୍ନ ୨ଟା ରୁ ୫ ପର୍ଯ୍ୟନ୍ତ ଯୋଗାଇବା ନିମନ୍ତେ ନିଷ୍ପତି ହୋଇଛି। ଏହି ଅଟୋ ସେବା ହାଟମୁନିଗୁଡା ଗ୍ରାମର ଅଟୋମାଲିକା ବାବୁଲା ଗୁଲା ଏବଂ ପ୍ରଶନ୍ନ କୁମାର ପଣ୍ଡାଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଛି। ଅଟୋ ସେବାକୁ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ପଞ୍ଚାୟତରେ ଅଟୋ ସେବା ଯୋଗାଇବା ଏବଂ ଛୋଟ ପ୍ରୟାସ। ଏହି ନିଶୁଳ୍କ ସେବା ବିଭିନ୍ନ ଗ୍ରାମରେ ଗରିବ ଶ୍ରେଣୀର ରୋଗିମାନଙ୍କୁ ବେଶ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ହାଟମୁନିଗୁଡାର ବରିଷ୍ଠ ନାଗରିକ ମୃତ୍ୟୁଞ୍ଜୟ ପନାଡା, ଜ୍ୟୋତି ପ୍ରସାଦ ସାହୁ, ସୁକାନ୍ତ ସେଠୀ, ଦୟାନିଧି ପାତ୍ର, ରମେଶ ପାକି, ନାଗେଶ୍ୱର ମୁନିଙ୍ଗ୍ କାଲ, ଭାସ୍କର ନେମାଲପୁରୀ, ଶିକ୍ଷକ ଉଦୟ ଲାବଲା, କୈଳାସ ଲାବଲା, ମିଟୁ ପଣ୍ଡା, ଟେମ୍ପୁ ଚାଳକ ବାବୁଲା ଗୁଲା ପ୍ରମୁଖ ଉପସ୍ଥିତ ଥିଲେ।

## ୯ ଜଣିଆ ବିଧାନସଭା ଷ୍ଟାଣ୍ଡିଂ କମିଟିର ମାଲକାନଗିରି ଗସ୍ତ



ମାଲକାନଗିରି , ୩୧।୧(ସମିସ): ଆଜି ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଛନ୍ତି ବିଧାନସଭା ଷ୍ଟାଣ୍ଡିଂ କମିଟି। ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ୯ ଜଣିଆ ଏହି କମିଟି ଗସ୍ତରେ ଆସି ଜିଲ୍ଲା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭାର ଆୟୋଜନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ପାନୀୟଜଳ ପ୍ରକଳ୍ପ ତଥା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ। ପାନୀୟ ଜଳ ପ୍ରକଳ୍ପ ହେତୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଜି ଲୋକ ପିଇବା ପାଣି ପାଉଛନ୍ତି। କିଛି ଅଞ୍ଚଳରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ନାହିଁ। ତେଣୁ ସେଗୁଡିକ କିପରି ଶେଷ ହେବ ସେନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲା ଏହି କମିଟି। ଏଯାଏଁ ୧୮ ଟି ଗ୍ରାମରେ ପାଣି ପହଞ୍ଚିଥିବା ବେଳେ ଆଉ କେବଳ ୫ଟି ଗ୍ରାମରେ ପାଣି ଖୁବଶୀଘ୍ର ପହଞ୍ଚିବ ବୋଲି ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି। ଏଥିସହ ଯଦି ଅନ୍ୟ କୌଣସି ସମସ୍ୟା ରହିଥାଏ ତେବେ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଏହି ୯ ଜଣିଆ କମିଟି ଅବଗତ କରାଇବ ବୋଲି ବିଧାୟକ ଶ୍ରୀ ମହାପାତ୍ର କହିଛନ୍ତି।

## ସ୍ୱର୍ଗ ଧାମ ସେବାର ତାଲା ଲୋକେଶ୍ୱରୀ ସମ୍ମାନିତ

**● ୧୦୦ରୁ ଅଧିକ ଅଜଣା ମୃତଦେହଙ୍କ କରିଛନ୍ତି ଶବଦାହ**

ରାୟଗଡା, ୩୧।୧(ସମିସ): ଆନ୍ଧ୍ର ପ୍ରଦେଶର ତିରୁପତି ମହତି ଅଡିଟୋରିୟମ୍‌ରେ ଶୁକ୍ରବାର ଆୟୋଜିତ ଏକ ଗରିମାମୟ ସମାରୋହରେ ଶ୍ରୀପତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାୟଗଡ଼ାର ସ୍ୱର୍ଗଧାମ ସେବା ସହିତ ସଂପୃକ୍ତ ତାଲା ଲୋକେଶ୍ୱରୀ (ଆଶା) ଓ ତାଙ୍କ ସହଯୋଗୀ ଟି. ଲୋକେଶ କୁମାରଙ୍କୁ ସମାଜସେବା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ତାଲା ଲୋକେଶ୍ୱରୀ ରାୟଗଡ଼ା ସରକାରୀ ଚିକିତ୍ସାଳୟର ଜଣେ ଚତୁର୍ଥ ଶ୍ରେଣୀର କର୍ମଚାରୀ ହେବା ସତ୍ତ୍ୱେ ନିଜ ସୀମିତ ଦରମାରୁ ମାନବିକତାର ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଆସୁଛନ୍ତି। ସେ ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଅନାଥ ମୃତଦେହଙ୍କୁ ହିନ୍ଦୁ ରୀତିନୀତି ଅନୁଯାୟୀ ନିଜସ୍ୱ ଖର୍ଚ୍ଚରେ ଶୋଭନ ଭାବରେ ଶବଦାହ କରି ସମାଜରେ ଉଚ୍ଚ ପ୍ରଶଂସା ଲାଭ କରିଛନ୍ତି। ତାଙ୍କ ସହଯୋଗୀ ଟି. ଲୋକେଶ କୁମାର ମଧ୍ୟ ଏହି ମାନବିକ କାର୍ଯ୍ୟରେ ଦୀର୍ଘଦିନ ଧରି ସହଯୋଗ ଓ ସମର୍ପଣ ଭାବନାର ସହିତ କାର୍ଯ୍ୟ କରିଆସୁଛନ୍ତି। ଏହି ସମାରୋହରେ ଶ୍ରୀପତି ଚାରିଟେବୁଲ ଟ୍ରଷ୍ଟର ପଦାଧିକାରୀ, ବିଭିନ୍ନ ସମାଜସେବୀ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




## ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ

ରାୟଗଡ଼ା, ୩୧।୧(ସମିସ): ଶନିବାର ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ ଶୁଭାରମ୍ଭ ହୋଇଛି। ରାୟଗଡା ସହର ଜେଏସକୋ ପଡ଼ିଆରେ ଏହା ଆସନ୍ତା ସୋମବାର ଯାଏଁ ତିନି ଦିନ ଧରି ଅନୁଷ୍ଠିତ ହେବ। ଆଜି ପ୍ରଥମ ଦିନରେ ଲଳିତା ସାହସ୍ରନାମ ମନ୍ତ୍ର ଧ୍ୱନିରେ ପଡିଆ ପ୍ରକମ୍ପିତ ହୋଇଥିଲା। ପ୍ରଥମ ଦିନ କାର୍ଯ୍ୟକ୍ରମରେ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନିଳମାଧବ ହିକକା, ଡିଆରଏମ୍ ଅମିତାଭ ସିଙ୍ଗଲ, ମହାଯଜ୍ଞ ସମନ୍ୱୟ ସମିତିର ଆବାହକ ତଥା ମିଟସ ଗ୍ରୁପର ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଯୋଗୀ ଚୈତନ୍ୟ ରାମଜୀ, ବିଜେପି ନେତା ୟାଲା ଭେଙ୍କେଟେଶ୍ୱର ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞର ଶୁଭାରମ୍ଭ କରିଥିଲେ । ପ୍ରଥମ ଦିନ ୧୦୦୮ ମହିଳାଙ୍କ ଦ୍ୱାରା ହନୁମାନ ଚାଳିଶା, ଗୀତା ପାଠ, ଲଳିତା ସାହସ୍ରନାମ ପାରାୟଣ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞର ଶେଷ ଦିନର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ହରିପୁର ଗୁରୁକୁଳ ଓ ମିଟସ ଗ୍ରୁପ ଦ୍ୱାରା ଏହି ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଛି।




**ଜିଲ୍ଲାସ୍ତରୀୟ ଆଇନ ସଚେତନତା ଶିବିର**

# ବରିଷ୍ଠଙ୍କୁ 'ବୁଢ଼ା' ନ କହି 'ବରିଷ୍ଠ ନାଗରିକ' କୁହନ୍ତୁ

ରାୟଗଡା,୩୧।୧(ସମିସ):

ରାୟଗଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ରାୟଗଡା ତରଫରୁ ଜିଲ୍ଲାସ୍ତରୀୟ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷାଣବେକ୍ଷଣ ଓ କଲ୍ୟାଣ ଆଇନ-୨୦୦୭ ଉପରେ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା କରିଥିଲେ। ସେହିପରି ସଚେତନତା ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାୟଗଡ଼ ସୁଶ୍ରୀ ଟୁନି ହୁଇକା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ନାଗରିକ କଲ୍ୟାଣ ସଂଘର ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ପଣ୍ଡା, ରାୟଗଡ଼ା ନଗରପାଳିକା ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ରାଷ୍ଟ୍ରୀୟ ସେବା ସଂଘ(ଏନଏସଏସ ) ଛାତ୍ରଛାତ୍ରୀ, ରାୟଗଡା ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ



ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ବାପାମାଆଙ୍କ ମହତ୍ତ୍ୱ ଏବଂ ପିଲାମାନଙ୍କ ଦାୟିତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟ ସମ୍ମାନିତ ଅତିଥିମାନେ ଆମ ପରିଚୟ ଆମ ବାପା ମାଆଙ୍କ ଠାରୁ ଏଣୁ ମାଆବାପାଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେବା କରିବା ଉଚିତ୍। ବରିଷ୍ଠଙ୍କୁ "ବୁଢ଼ା' ନ କହି "ବରିଷ୍ଠ ନାଗରିକ' କୁହନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ପରିବାରିକ ବିବାଦ, ଏକାକୀତ୍ୱ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଆଦି ବିଷୟରେ ଚର୍ଚ୍ଚା ହୋଇଥିଲା। ଏହା ସହିତ ପିତାମାତା ତଥା ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ୍ ୨୦୦୭ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ହେଲ୍ପ ଏଜ ଇଣ୍ଡିଆ ଏନଜିଓ ଦେବଶ୍ରୀ ବ୍ରହ୍ମା ଓ ରଞ୍ଜୟ କୁମାର ଦାସ ପିତାମାତା ତଥା ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ୍ ୨୦୦୭ ବିଷୟରେ ସମସ୍ତଙ୍କୁ ସଚେତନ କରାଇଥିଲେ।

# ନନ୍ଦପୁରରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅବହେଳିତ



ନନ୍ଦପୁର, ୩୧।୧(ସମିସ): ନନ୍ଦପୁରରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅବହେଳିତ ହୋଇ ପଡିରହିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ତିରୋଧାନ ଦିବସରେ ମଧ ତାଙ୍କ ପ୍ରତିମୂର୍ତ୍ତିରେ ଫୁଲ ଟିଏ ମଧ ପଡ଼ି ନଥିବା ଦେଖିବାକୁ ମିଳିଛି। ଯାହାକୁ ସାଧାରଣରେ ନିନ୍ଦା କରାଯାଇଛି। ଏହା କେବଳ ଲଜ୍ଜାଜନକ ନୁହେଁ, ବରଂ ଜାତୀୟ ମୂଲ୍ୟବୋଧ ପ୍ରତି ଗଭୀର ଅପମାନ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନନ୍ଦପୁର ପୁରୁଣା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏଭଳି ଅବହେଳିତ ହୋଇ ରହିଛି। ପ୍ରତିମୂର୍ତ୍ତି ପରିସର ଆବର୍ଜନା, ଝାଡ଼ି ଜଙ୍ଗଲରେ ଘେରି ହୋଇ ରହିଛି। ବର୍ଷ ବର୍ଷ ଧରି ପ୍ରତିମୂର୍ତ୍ତିଟିକୁ ଉଚିତ ସ୍ଥାନକୁ ସ୍ଥାନାନ୍ତର କରିବା ନେଇ ଆଲୋଚନା ହେଉଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ଯେଉଁ ସ୍ଥାନରେ

## ତିରୋଧନ ଦିବସରେ ଫୁଲଟିଏ ବି ଦିଆଗଲାନି

ପ୍ରତିମୂର୍ତ୍ତି ରହିଛି, ସେଠାରେ ସଫା-ସୁତୁରା କି ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ପ୍ରତି ପ୍ରଶାସନ କି ଜନପ୍ରତିନିଧି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଗାନ୍ଧୀଙ୍କ ତିରୋଧାନ ଦିବସରେ ସେଠାରେ ପ୍ରଶାସନ କି ଜନପ୍ରତିନିଧିଙ୍କ ଉପସ୍ଥିତି ଦେଖିବାକୁ ମିଳି ନଥିଲା। ଜାତୀୟ ପିତାଙ୍କୁ ଏଭଳି ଅବହେଳିତ ଅବସ୍ଥାରେ ରଖିବା କେବଳ ଅସମ୍ବେଦନଶୀଳତା ନୁହେଁ, ଏହା ଏକ ସାମୂହିକ ବିଫଳତା ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଯଦି ଆମେ ଗାନ୍ଧୀଙ୍କୁ ଏଭଳି ଭୁଲିଯାଉଛୁ, ତେବେ ତାଙ୍କ ଆଦର୍ଶ କେତେ ଦୂର ଆମ ଜୀବନରେ ଅଛି ସେଥିରେ ଗଭୀର ପ୍ରଶ୍ନ ଉଠୁଛି ବୋଲି କିଛି ବୁଦ୍ଧିଜୀବୀ କ୍ଷୋଭର ସହ ପ୍ରକାଶ କରିବା ସହ ତୁରନ୍ତ ଉକ୍ତ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।

# ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ନୌକା ଚାଳନା ପ୍ରତିଯୋଗିତା




ମାଲକାନଗିରି,୩୧।୧(ସମିସ): ମାଲକାନଗିରି ଜିଲ୍ଲା ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ସତିଗୁଡା ଜଳଭଣ୍ଡାରରେ ମତ୍ସ୍ୟଜୀବୀମାନଙ୍କୁ ନେଇ ନୌକା ଚାଳନା ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଜିଲ୍ଲାପାଳ ସୋମେଷ କୁମାର ଉପାଧ୍ୟାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ଜଳଭଣ୍ଡାର ଚତୁଃପାଶ୍ୱର୍ ଲାଗି ରହିଥିବା ସତିଗୁଡା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଅଧୀନସ୍ଥ ସିନ୍ଧ୍ରିମାଳ, ଭିମାରାଙ୍ଗିଣି, ମୁନୁସା, ସିମାଗୁଡି, ଏମ୍‌ଭି ୧୧୧, ସୋରିଷମାଳ, ଚମ୍ପାଖାରୀ, ସର୍ଗିଗୁଡା, କରସ୍ତାଗୁଡା, ଏମ୍‌ଭି ୧୧୧ (ବି) ଭଳି ମୋଟ ୧୨ଟି ଗ୍ରାମର ମତ୍ସ୍ୟଜୀବୀମାନେ ନିଜର ପାରମ୍ପରିକ ଦେଶୀ ଡଙ୍ଗା ସହ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜଳଭଣ୍ଡାର ମଧ୍ୟରେ ୫୦୦ ମିଟର ଲମ୍ବ ଅଞ୍ଚଳ ଚିହ୍ନଟ କରାଯାଇଥିଲା। ଏହି ପ୍ରତିଯୋଗିତାରେ ନୌକା ପ୍ରଥମ ସ୍ଥାନ ସୋରିଷମାଳ ଦଳ ଅଧିକାର କରିଥିଲା ବେଳେ ଦ୍ୱିତୀୟ ସ୍ଥାନ ଶିନ୍ଧ୍ରୀମାଳ ଗ୍ରାମ ଦଳ ଓ ଚମ୍ପାଖାରି ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ଆୟୋଜିତ ସଭାରେ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷ୍ୟା ସମାରି ତାଙ୍ଗୁଲ, ଖଣ୍ଡୀୟ ବନ ଅଧିକାରୀ ସାଇ କିରଣ ଡିଏନ, ମାଲକାନଗିରି ଏସପି ବିନୋଦ ପାଟିଲ, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ସମସ୍ତ ପ୍ରତିଯୋଗୀଙ୍କ ସହ ଗ୍ରାମବାସୀ ଏବଂ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ, ବିଭିନ୍ନ ବିଭାଗର ପଦାଧିକାରୀ, ବନ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବିଜୟୀ ଦଳକୁ ମାଲ୍ୟବନ୍ତ ମହୋତ୍ସବ ଦିନ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ।

# ପିଏମଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ




ରାମନାଗୁଡା,୩୧।୧(ସମିସ): ରାମନାଗୁଡା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆର୍ଘ୍ୟ-୩.୦' ଉଦ୍‌ଯାପିତ ହୋଇଯାଇଛି। ଏହାପରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ପାଠ୍ୟ କ୍ଷେତ୍ରରେ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସବ୍‌ଜୁନିଅର, ଜୁନିଅର ଓ ସିନିଅର ଶ୍ରେଣୀର କ୍ରୀଡ଼ା ପ୍ରତିଯୋଗିତାରେ ପୁଅ ଓ ଝିଅ ବର୍ଗର ଚ୍ୟାମ୍ପିଅନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ସମଗ୍ର ବର୍ଷ ଧରି ଶିକ୍ଷା, ନେତୃତ୍ୱ ଓ ସହପାଠ୍ୟ କାର୍ଯ୍ୟକଳାପରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ଜଣେ ଯୋଗ୍ୟ ଛାତ୍ରଙ୍କୁ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର' ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମନୋହର ନୃତ୍ୟ, ସଙ୍ଗୀତ ଓ ଲୋକନୃତ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗୋ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହ ନୀତି ଓ ଶୃଙ୍ଖଳାରେ ଆଗେଇଯିବାକୁ ଆହ୍ୱାନ ଦେଇଥିଲେ। ଗରିମାମୟ ଅତିଥି ଭାବେ ରବି ଶଙ୍କର ଗମାଙ୍ଗୋ, ରାମନାଗୁଡା ବ୍ଲକ ଅଧ୍ୟକ୍ଷ ଟଙ୍ଗୁଡୁ ଶ୍ରୀଧର, ଜିଲ୍ଲା ପରିଷଦ ସଦସ୍ୟ ଜି. ପ୍ରସାଦ, ଏମ୍‌ପି ପ୍ରତିନିଧି ପ୍ରଦ୍ୟୁମ୍ନ ମଣ୍ଡଳ, ବ୍ଲକ ଉନ୍ନୟନ ଅଧିକାରୀ ପ୍ରଣକୃଷ୍ଣ ପାଣିଗ୍ରାହୀ, ତହସିଲଦାର ବନମାଳୀ ମହାରଣା, ପିଏସଏସ୍ ସଭାପତି ଓ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ, ରାମନାଗୁଡା ସିଏଚ୍‌ସି ଡା. ଅଭିଷେକ ପଟ୍ଟନାୟକ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ସୁଜନ ମଲ୍ଲିକ, ବ୍ଲକ ଶିକ୍ଷା ଅଧିକାରୀ, ରାମନାଗୁଡା ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବୋଧ ଆଧାରିତ ଶିକ୍ଷା ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଏସଏମସି ସଭାପତି ସୂର୍ଯ୍ୟ ରାଓ କୁମ୍ବିକା ଓ ପ୍ରଧାନଶିକ୍ଷକ ଗୌରୀ ପ୍ରସାଦ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ମିତା ରାଣୀ ତୁଳ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ପେନ୍‌ସନ୍ ଦେଲେ ଡିଇଓ

ମାଥିଲି,୩୧।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ସାରଦାପୁଟ ପ୍ରାଥମିକ ବିଦ୍ୟାଳୟରୁ ଆଜି ଅବସରଗ୍ରହଣ କରିଥିବା ଶିକ୍ଷକ କାମଦେବ ସାହୁଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ପେନ୍‌ସନ୍ ପ୍ରଦାନ କରିଛନ୍ତି। ଆଜି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ସାହୁଙ୍କୁ ଉପଢୌକନ ସହ ଶେଷ ପେନସନ କାଗଜ ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ସଙ୍ଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏଥିପାଇଁ ସାଧୁବାଦ୍ ଜଣାଇଥିଲେ ଶ୍ରୀ ସାହୁ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଆର୍ ରମଣ ରାଓ, ଭାରପ୍ରାପ୍ତ ବିଆରପି ରତ୍ନାକର ପାଳ, ଶିକ୍ଷକ ସୁନିଲ କୁମାର ଦାସ, କାର୍ଯ୍ୟାଳୟ କନିଷ୍ଠ ସହକାରୀ ବିଷ୍ଣୁ ସାହୁକାରୀ, ମହେଶ୍ୱର କଂସାରୀ, ବିଭୂତି ସାନା, ମନୋହର ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ବୋରିଗୁମ୍ମା ଗସ୍ତ



କୋରାପୁଟ,୩୧।୧(ସମିସ): ବିଧାନସଭା ଷ୍ଟାଣ୍ଡିଂ କମିଟି ବୋରିଗୁମ୍ମା ବ୍ଲକ ଗସ୍ତ କରି ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରିବା ସହ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବାକୁ ତାଗିଦ କରିଛନ୍ତି। ପୂର୍ବ ସରକାର ସମୟରେ ଆରମ୍ଭ ହୋଇଥିବା ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସରିବାର ନା ନେଉନାହିଁ, ଜରିମାନା ପଡିବା ସତ୍ତ୍ୱେ କାମ ସରୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟତଃ ଜୟପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ ଲାଗି ରହୁଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବିଧାନସଭାରେ ବାରମ୍ବାର ଦାବି ପରେ ନବୀନ ପଟ୍ଟନାୟକ ସରକାର କୋରାପୁଟ ଜିଲ୍ଲାକୁ ବିଶୁଦ୍ଧ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସେ ଯୋଜନା ଆରମ୍ଭ କରିଥିଲେ। ୨୦୧୭ ମସିହାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ବିଭିନ୍ନ ଗାଁକୁ ପାଣି ମୁନ୍ଦାଏ ପହଞ୍ଚି ପାରି ନାହିଁ । ଏପରିକି ମେଗା ପାନୀୟ ଜଳ ପ୍ରକଳ୍ପର ନାକ ତଳେ ଥିବା କାଠରଗଡା, କୁମୁଲି, ଗୁମୁଡ଼ା, ମୁଞ୍ଜା ଭଳି ପଞ୍ଚାୟତରେ ପାଇପ କାମ ସରିଛି ଶତ କିନ୍ତୁ ପାନୀୟ ଜଳର ଘୋର ସମସ୍ୟା ଥିବା ସତ୍ତ୍ୱେ ମଧ ବିଶୁଦ୍ଧ ପାଣି ପହଞ୍ଚି ପାରି ନାହିଁ । ବିଭିନ୍ନ ସମୟରେ ଲୋକେ ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଦାବି କରିଛନ୍ତି। ବିଧାୟକ ସନାତନ ବିଜୁଳୀଙ୍କ ନେତୃତ୍ୱରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ , ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କେତେ ହୋଇଛି ତାର ସମୀକ୍ଷା କରି ରାଜ୍ୟ ସରକାରଙ୍କୁ ହସ୍ତଗତ କରାଇବେ ବୋଲି ଜଣାପଡିଛି। ଏହା କାର୍ଯ୍ୟକାରୀ ହେଲେ ବୋରିଗୁମ୍ମା କୋଟପାଡ଼ ଓ ଜୟପୁର ବ୍ଲକର ୫୧ଟି ପଞ୍ଚାୟତର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବେ ବୋଲି କମିଟି ସଦସ୍ୟମାନେ ସ୍ଥିତି ଅନୁଧ୍ୟାନ ପରେ କହିଛନ୍ତି ।

● ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟଣା

# କ୍ଷତିପୂରଣ ପରେ ଶବ ନେଲେ ସମ୍ପର୍କୀୟ

ଲକ୍ଷ୍ମୀପୁର,୩୧।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବଡ଼ ଶଙ୍ଖା ଗ୍ରାମର ସରସ୍ୱତୀ ଟ୍ରେପେକାଙ୍କ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଗ୍ରାମବାସୀ କ୍ଷତି ପୂରଣ ପାଇଁ ଦାବି କରି ରାତି ତମାମ ଶବକୁ ଘଟଣା ସ୍ଥଳରୁ ଉଠାଇ ନ ଥିଲେ। ପୁଲିସସହତହସିଲଦାରନୈବେଦ୍ୟକୁମାରଭୋଇଘଟଣାସ୍ଥଳରେପହଞ୍ଚିଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ବିଫଳ ହୋଇଥିଲେ। ଶନିବାର ସକାଳେ ଟାଟା ପାୱାର ପକ୍ଷରୁ କ୍ଷତି ପୂରଣ ପ୍ରଦାନ ପରେ ଶବ ଲକ୍ଷ୍ମୀପୁର ମେଡିକାଲକୁ ନିଆଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଆନ୍ଦୋଳନରେ ନବ ନିଯୁକ୍ତ ଲକ୍ଷ୍ମୀପୁର ବ୍ଲକ ବିଜେଡ଼ି ସଭାପତି ବିପିନ ମାଣ୍ଡିଙ୍ଗା, ଜିଲ୍ଲା ସଭାପତି ଝିନ୍ ହିକକା ମଧ ଏଥିରେ ସାମିଲ ହୋଇଥିଲେ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




କୋରାପୁଟ,୩୧।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ କୋରାପୁଟ ଘରୋଇ ବସ ମାଲିକ ସଂଘ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଏହାକୁ କୋରାପୁଟ ଉପଖଣ୍ଡ ପୁଲିସ ଅଧିକାରୀ ଏସକେ ମଣ୍ଡଳ, ଡିପିଏଚଓ ଡା. ମୁକ୍ତିକାନ୍ତ ଖଟୁଆ ଏବଂ ଜିଲ୍ଲା ପରିବାହନ ଅଧିକାରୀ ରାଜେଶ ମାରାଣ୍ଡି ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଏକ ଡାକ୍ତରୀ ଟିମ ଯୋଗ ଦେଇ ଘରେଇ ବସ ମାନଙ୍କରେ କାର୍ଯ୍ୟ କରୁଥିବା ଡ୍ରାଇଭର, କଣ୍ଡକ୍ଟର ଓ ହେଲପର ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଏଥିରେ କର୍ମଚାରୀମାନଙ୍କର ରକ୍ତଚାପ, ମଧୁମେହ, ଚକ୍ଷୁ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଏଭଳି ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କୁ ନିୟମିତ ଯୋଗାଇ ଦିଆଯିବ ବୋଲି ମାଲିକ ସଂଘର ସଭାପତି ଶେଖ କାସିମ ସୂଚନା ଦେଇଛନ୍ତି। ସଂଘର ଆଇନ ଉପଦେଷ୍ଟା ଅଶୋକ ଷଡ଼ଙ୍ଗୀ, ସଭାପତି ଶେଖ କାସିମ, ସଂପାଦକ ଫିରୋଜ ତୁରୁକଙ୍କ ସହ ଅନ୍ୟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ



ଜୟପୁର, ୩୧।୧(ସମିସ): ଜୟପୁର ସୂର୍ଯ୍ୟମହଲ ସ୍ଥିତ ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟ ପକ୍ଷରୁ ବାର୍ଷିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀକୁ ବିଦ୍ୟାଳୟ ଅଧକ୍ଷ ଡ. ଅନୁପ ଆମ୍ବ୍ରୋସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଏକ ସଂସ୍ଥାର ବିସପ୍ ସଚ୍ଚିଦାନନ୍ଦ ବିଶ୍ୱାସୀ ଓ ବରିଷ୍ଠ ସାମ୍ବାଦିକ ଡ.ପରେଶ ରଥ ଯୋଗ ଦେଇଥିଲେ। ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ତିନି ଶହ ରୁ ଅଧିକ ଛାତ୍ର ଛାତ୍ରୀ ଏହି ପ୍ରଦର୍ଶନୀରେ ସାମାଜିକ ବିଜ୍ଞାନ ଏବଂ ବିଜ୍ଞାନର ବିଭିନ୍ନ ବିଭାଗରେ ରହିଥିବା କଳା, କାରୁକଳା, ବିକଳ୍ପ ଶକ୍ତି, ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ, ପାରମ୍ପରିକ ଓ ଆଧୁନିକ କୃଷି ପ୍ରଣାଳୀ ସମୁଦାୟ ୭୩ଟି ପ୍ରକଳ୍ପକୁ ଛାତ୍ରଛାତ୍ରୀ ପ୍ରଦର୍ଶିତ କରିଥିଲେ। ଏହି ପ୍ରଦର୍ଶନୀକୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରିୟା ଆମ୍ବ୍ରୋସ, ସୁଦୀପ୍ କୁମାର ଚାଟାର୍ଜି, ସୁରଭି ସାହୁ, ସରିତା ପାତ୍ର, କମଳା ଭାଲି, ଅଳକା ପାଣିଗ୍ରାହୀ, ସିନି ମିସ୍, ନିର୍ମଳା, ନିଳୀମା, ସୁଜାତା , ମଞ୍ଜରୀ ପ୍ରମୁଖ ପରିଚାଳନା କରିଥିଲେ।

# ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରଶିକ୍ଷଣ ଶିବିର

ଲକ୍ଷ୍ମୀପୁର,୩୧।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ୫ ଦିନ ପର୍ଯ୍ୟନ୍ତ ନୂତନ ଶିକ୍ଷାନୀତି ଉପରେ ପ୍ରଶିକ୍ଷଣ ଶିବିର ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଛି। ଏହାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁତି ଭୁଷଣ ଟାକ୍ରି ଓ ମଦନ ମୋହନ ମୁଦୁଲି, ସାଙ୍ଗାନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ, ବିଜ୍ଞାନ ଶିକ୍ଷକ ଗୋଲକ ଲେଙ୍କା ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏକ ଶହ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଛନ୍ତି। ସମୁଦାୟ ୩ ଶହ ୮୮ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଏଠାରେ ତାଲିମ ପ୍ରଦାନ କରାଯିବ। ରାଜ୍ୟ ସରକାର ଆଣି ଥିବା ନୂତନ ଶିକ୍ଷାଦାନ ପ୍ରଣାଳୀକୁ ଶିକ୍ଷକ ମାନେ ନିଜ ନିଜ ବିଦ୍ୟାଳୟରେ କିପରି ଶିକ୍ଷାଦାନ କରିବେ ସେ ଉପରେ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସାଗରିକା ମିଶ୍ର, ସାଗରିକା ଜେନା, ସ୍ମିତାରାଣୀ ଛୋଟରାୟ, ପ୍ରିୟ ରଞ୍ଜନ ଦାସ, ସୁବୋଧ କୁମାର ହୋତା ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଏହା ଆସନ୍ତା ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସିଆରସିସି ଅମିୟ କୁମାର ଗରଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସିଆରସିସି ସଞ୍ଜୀବ କାଡ୍ରାକା, ବିଆରପି କୃଷ୍ଣ କୁଲଦୀପ, ଶିକ୍ଷକ ହେମନ୍ତ କୁମାର ମହାନନ୍ଦିଆ ସହଯୋଗ କରିଥିଲେ।

# ଏସ୍‌ଏସ୍‌ଡି ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ



ପାପଡାହାଣ୍ଡି,୩୧।୧(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଏସଏସଡି ଉଚ୍ଚ ବାଳିକା ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଅଧକ୍ଷତା ରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ବିଧାୟକ ପ୍ରତିନିଧି ରଜନୀ କାନ୍ତ ଶାସମଳ, ବ୍ଲକ ଉପାଧକ୍ଷ ବ୍ଲକ ଅଧକ୍ଷ ସୁଶାନ୍ତ ବେହେରା ଜିଲ୍ଲା ମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତା ମହାନ୍ତି, ଅତିରିକ୍ତ ମଙ୍ଗଳ ଅଧିକାରୀ ଭାରତ ଚନ୍ଦ୍ର ସାହୁ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦେବବ୍ରତ ପରିଡା, ପୋଣ୍ଡିକୋଟ ପୂର୍ବତନ ସରପଞ୍ଚ ଶିବ ପ୍ରସାଦ ଅଗ୍ରୱାଲ, ଜାମଗୁଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୋରାଜିନୀ ପୂଜାରୀ ମଞ୍ଚାସିନ ହୋଇଥିଲେ। ଅତିଥିମାନେ ଭଲ ପାଠ ପଡିବା ସହ ନିଜ ବିଦ୍ୟାଳୟ ଓ ଜିଲ୍ଲାପାଇ ଗୌରବ ଆଣିବା ପାଇଁ କହିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ଅନୁପ୍ରଭା ନିଆଲ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ନେତ୍ରାଞ୍ଜଳି ଭୁକ୍ତା, ରଶ୍ମି ନାୟକ,ସାଗରିକା ବାରିକ, ଆସ୍ମିନି ହେମ୍ବ୍ରମ, ଜୟନ୍ତୀ ଭତ୍ରା, ସହଦେବ ପାଣ୍ଡେ, ବିଦ୍ୟାଞ୍ଜନ ପଟ୍ଟନାୟକ, ଅଭି ପାଣିଗ୍ରାହୀ ପରିଚାଳନା କରିଥିଲେ।

# ମା' ଅଗ୍ନି ଗଙ୍ଗାମାଙ୍କ ଘଣ୍ଟ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବନ୍ଧୁଗାଁ,୩୧।୧(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ସ୍ଥିତ ନିଲାବଡି କଲ୍ୟାଣ ମଣ୍ଡପରେ ମା' ଅଗ୍ନି ଗଙ୍ଗାମାଙ୍କ ଘଣ୍ଟ ଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ତହସିଲଦାର ସୋନାଲି ପାତ୍ର, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ ଓ ସ୍ଥାନୀୟ ଆରଆଇଙ୍କ ଉପସ୍ଥିତିରେ ଅଗ୍ନି ଗଙ୍ଗାମା ପୂଜା କମିଟିର ସଭାପତି ବାଡି ସତ୍ୟମ ନାଇଡୁ , ଉପ ସଭାପତି ପେଣ୍ଟା ଜନାର୍ଦ୍ଦନ, କୋଷାଧକ୍ଷ ଗାଣ୍ଟା ରବି ଶଙ୍କର, ସମ୍ପାଦକ ସୁବାଷ ପଣ୍ଡିତ, ପରିଚାଳନା କମିଟି ସଦସ୍ୟ ପ୍ରସନ୍ନ ପଟ୍ଟନାୟକ, ସରପଞ୍ଚ ୱାଟାକା ଜାଗାନା, ପୂର୍ବତନ ସରପଞ୍ଚ ୱାଟାକା ଜିଆନା, ବନମାଳି ଖୋରା ଓ ଲାଚିଗା ବେନ୍ୟା, ଭରତ କାଡ୍ରାକା, ପେଣ୍ଟା ପ୍ରଦୀପ ଓ ଅଜିତ ଖୋରାଙ୍କ ଉପସ୍ଥିତିରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂଜା କମିଟି ତରଫରୁ ମା' ଅଗ୍ନି ଗଙ୍ଗାମାଙ୍କ ଯାତ୍ରା ମାର୍ଚ୍ଚ ୨ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ ବୋଲି ତହସିଲଦାରଙ୍କୁ ଅବଗତ କରିଥିଲେ। ଅଗ୍ନି ଗଙ୍ଗାମା ଯାତ୍ରା ପାଇଁ ମାତ୍ର ୨୮ ଦିନ ଥିବାରୁ ସ୍ଥାନୀୟ ତହସିଲଦାର ,ଅତିରିକ୍ତ ତହସିଲଦାର ଓ ଆଇଆଇସିଙ୍କୁ ନେଇ ଅତି ଶୀଘ୍ର ଶେଷ ପ୍ରସ୍ତୁତି ବୈଠକ କରିବାକୁ ଜଣାଇ ଥିଲେ। ଅଗ୍ନି ଗଙ୍ଗାମାଙ୍କ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାରୁ ଯାତ୍ରା କମିଟିଙ୍କ ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଧାରିତ ତାରିଖରେ ଯାତ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିବା ପୂଜା କମିଟି ପକ୍ଷରୁ ସୂଚାଯାଇଛି।

# 'ଆମ ଜଳ ଆମର ଅଧିକାର' ସଚେତନତା କାର୍ଯ୍ୟକ୍ରମ



ମାଥିଲି,୩୧।୧(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ବଡ଼ଦୁରାଲ ପଞ୍ଚାୟତ ସଦର ଗ୍ରାମରେ ଆଜି ପିରାମୁଲ ଫାଉଣ୍ଡେସନ ତରଫରୁ ଆମ ଜଳ ଆମ ଅଧିକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବଡ଼ଦୁରାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଜଳ ସଂଗ୍ରହ ଓ ଜଳର ସଦ୍‌ବ୍ୟବହାର ଉପରେ ଛାତ୍ରଛାତ୍ରୀମାନେ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ଭିକାରି କିର୍ଷାନି ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ର ମାଝୀ, ପିରାମଲ ଫାଉଣ୍ଡେସନର ଟିମ ମେମ୍ବର ବିକାଶ କୁମାର ଗୁପ୍ତା, ପୋଗ୍ରାମ ଲିଡ଼ର ଚୈତନ୍ୟ ପ୍ରସାଦ ପଟେଲ, ବିଦ୍ୟାଳୟର ସହକାରୀ ହିନ୍ଦୀ ଶିକ୍ଷକ ସୂର୍ଯ୍ୟକାନ୍ତ ବାରିକ ଉପସ୍ଥିତ ଥିଲେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବୁଦ୍ଧିଜୀବୀ, ମହିଳା ଓ ପୁରୁଷ, ଯୁବକ ଓ ଯୁବତୀ ସାମିଲ ହୋଇଥିଲେ।

● ପାଇନ ଜଙ୍ଗଲରେ ନିଆଁ

# ଆୟତ୍ତ କଲେ ଗ୍ରାମବାସୀ ଓ ବନ କର୍ମଚାରୀ



କୋରାପୁଟ,୩୧।୧(ସମିସ): ଦିନକୁ ଦିନ ଜଙ୍ଗଲ କମୁଥିବା ବେଳେ କୋରାପୁଟ ଠାରୁ ୫ କିମି ଦୂରରେ ଅବସ୍ଥିତ ଚିନ୍ଦିରି ଗାଁ ନିକଟ ପାହାଡ଼ ଉପରେ ଥିବା ପାଇନ ଜଙ୍ଗଲରେ ନିଆଁ ଲାଗି ବହୁ ଗଛ ଜଳି ଯାଇଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ସନ୍ଧ୍ୟା ୬ଟା ସମୟରେ ସ୍ଥାନୀୟ ପାଇନ ଜଙ୍ଗଲରେ ନିଆଁ ଜଳୁଥିବା ଦେଖି ବନ ବିଭାଗ କାର୍ଯ୍ୟାଳୟକୁ ଜଣାଇଥିଲେ। ଜଙ୍ଗଲ ବିଭାଗ କର୍ମଚାରୀମାନେ ଜଙ୍ଗଲରେ ପହଁଚି ଗ୍ରାମବାସୀଙ୍କ ସହାୟତାରେ ପ୍ରାୟ ଏକ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

# ଖଜୁରୀ ବନ୍ଧ ପାର୍କ ସଫେଇ ତଦାରଖ କଲେ ପୌରସଂସ୍ଥା କର୍ତ୍ତୃପକ୍ଷ



ଜୟପୁର, ୩୧।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମନଗର ଏବଂ ପ୍ରସାଦରାଓ ପେଟା ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଥିବା ଖଜୁରୀ ବନ୍ଧ ପାର୍କରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ରହିଛି। ଦୁର୍ଗନ୍ଧମୟ ପରିବେଶରେ ସ୍ଥାନୀୟ ବାସିନ୍ଦାମାନେ ବ୍ୟାୟମ, ଯୋଗ ଏବଂ ମର୍ଣ୍ଣିଂ ୱାକିଂ କରିବାରେ ସମସ୍ୟା ହେଉଥିବା ନେଇ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌରନିର୍ବାହୀ ଅଧିକାରୀଙ୍କୁ ଗତକାଲି ସ୍ଥାନୀୟ ବାସିନ୍ଦାମାନେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏନେଇ ଆଜି ଉପଜିଲ୍ଲାପାଳ ଏ.ଶସ୍ୟା ରେଡ଼ିଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ପୌରସଂସ୍ଥାର ଅତିରିକ୍ତି ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ଏବଂ ପୌର ଯନ୍ତ୍ରୀ ଅଜୟ କୁମାର ଜାନୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ପାର୍କ ନିକଟରେ ପହଞ୍ଚି ସମସ୍ୟାର ଅନୁଧ୍ୟାନ କରିଛନ୍ତି। ଏଥିସହ ପୌରସଂସ୍ଥା ପକ୍ଷରୁ ଖଜୁରୀ ବନ୍ଧ ପୋଖରୀରୁ ଦଳ ଏବଂ ଅଳିଆ ଆବର୍ଜନା ସଫେଇ କରିଛନ୍ତି। ଏଥିସହ ପାର୍କରେ ବିଭିନ୍ନ ସ୍ଥାନରେ ନଷ୍ଟ ହୋଇଥିବା ଲାଇଟ ଗୁଡିକର ମରାମତି କିମ୍ବା ନୂତନ ଲାଇଟ ଲଗାଯିବା ଏବଂ ଅଳିଆ ଆବର୍ଜନା ସଫେଇ କାର୍ଯ୍ୟ ମଧ କରାଯିବ। ଏନେଇ ପୌରଅଧିକାରୀଙ୍କ ସହିତ ଆଲୋଚନା କରାଯାଇ କାର୍ଯ୍ୟକାରୀ କରାଯିବ ବୋଲି ସ୍ଥାନୀୟ ଅଭିଯୋଗକାରୀ ସାହି ବାସିନ୍ଦାଙ୍କ ସହିତ ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପାର୍କକୁ ଟେଣ୍ଡର ମାଧ୍ୟମରେ ଠିକାସଂସ୍ଥାକୁ ପ୍ରଦାନ

● ଗତକାଲି ସ୍ଥାନୀୟବାସୀନ୍ଦା ଦେଇଥିଲେ ଦାବିପତ୍ର

କରାଯାଇ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି । କିନ୍ତୁ ନୂତନ ଭାବେ ଠିକାସଂସ୍ଥା ଦାୟିତ୍ୱ ଗ୍ରହଣ କରିଥିବା ଯୋଗୁଁ ପୌରସଂସ୍ଥା ପକ୍ଷରୁ ସମସ୍ତ ସଫେଇ କାର୍ଯ୍ୟ କରାଯାଇ ପ୍ରଦାନ କରାଗଲେ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାସଂସ୍ଥା କରିବ ବୋଲି ଠିକାସଂସ୍ଥାର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ସୁନାବେଡ଼ା ପୌରାଞ୍ଚଳର ଉନ୍ନୟନ କାର୍ଯ୍ୟର ତଦାରଖ କଲେ ଜିଲ୍ଲାପାଳ



ସୁନାବେଡ଼ା,୩୧।୧(ସମିସ): ସୁନାବେଡ଼ା ପୌର ପରିଷଦ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପରିଦର୍ଶନ କରିବା ସହ ତଦାରଖ କରିଥିଲେ। ଏଥି ମଧ୍ୟରେ ସୁନାବେଡ଼ା ସ୍ଥିତ ଆହାର କେନ୍ଦ୍ର, ସେମିଳିଗୁଡା ସ୍ଥିତ ମଲ୍ଟି ଫଙ୍କସନ୍ ହାଲ, ସହୀଦ ଲକ୍ଷ୍ମଣ ନାୟକ ଆଇଏଏସ ଏବଂ ଓଏଏସ କୋଚିଙ୍ଗ ସେଣ୍ଟର୍ ଏବଂ ସେମିଳିଗୁଡାରେ ଥିବା ଭେଣ୍ଡିଂଜୋନ ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ସୁନାବେଡ଼ା ପୌରପରିଷଦର ନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀ, କନିଷ୍ଠ ଯନ୍ତ୍ରୀ ଅରୁଣ ନାୟକ ଓ ଅନ୍ୟାନ୍ୟ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# କେସିସି ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ଦିଗମ୍ବରଙ୍କ ଧାରଣା



ଜୟପୁର,୩୧।୧(ସମିସ): କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଦିଗମ୍ବର ନାୟକ ଆଜି ପୂର୍ବାହ୍ନରେ ବ୍ୟାଙ୍କର ପ୍ରଶାସନିକ ଭବନ ସମ୍ମୁଖରେ ଧାରଣା ଦେଇଥିଲେ। ଅବସର ପରେ ତାଙ୍କର ବକେୟା ରହିଥିବା ପ୍ରାପ୍ୟ ଟଙ୍କା ପ୍ରଦାନ ନେଇ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷଙ୍କ ପ୍ରତିଶୃତି ପରେ ଧାରଣାକୁ ସ୍ଥଗିତ ରଖିଛନ୍ତି। ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ନାୟକ ଗତ ୫ ତାରିଖରେ ରାଜ୍ୟ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ନିବନ୍ଧକଙ୍କ ପତ୍ର ମାଧ୍ୟମରେ ସେ ଗତ ୨୦୨୪ ମସିହା ଜାନୁୟାରୀ ମାସରେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କର ଅବସରରାଳୀନ ଅନ୍ୟାନ୍ୟ ଭତ୍ତା, ଗ୍ରାଚ୍ୟୁଇଟି ଏବଂ ଅନ୍ୟାନ୍ୟ ପ୍ରାପ୍ୟ ଟଙ୍କା ପ୍ରଦାନ କରିନାହାଁନ୍ତି । ଏହିପରି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା। ତାଙ୍କୁ ତାଙ୍କ ଅବସରକାଳୀନ ଚାକିରି ଜୀବନର ପ୍ରାପ୍ୟ ଟଙ୍କା ପାଇବାକୁ ହେଲେ ମୋଟା ଅଙ୍କର ଲାଞ୍ଚଟଙ୍କା ଦେବାକୁ ପଡିବ ବୋଲି କୁହାଯାଇଥିଲା। କିନ୍ତୁ ଚଳିତ ଜାନୁୟାରୀ ମାସ ଅନ୍ତିମ ୩୧ ତାରିଖରେ କେସିସି ବ୍ୟାଙ୍କର ସମ୍ପାଦକ ଶ୍ରୀ ମଲ୍ଲିକ ଅବସର ଗ୍ରହଣ କରୁଥିବା ବେଳେ ତାଙ୍କ ବିରୋଧରେ ବିଭିନ୍ନ ଲ୍ୟାମ୍ପ ଏବଂ ବ୍ୟାଙ୍କ ଦାୟୀତ୍ୱରେ ରହିଥିବା ବେଳେ ପ୍ରାୟ ୩ କୋଟି ୮୫ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଥିଲେ। ତେଣୁ ଏହି ଅଭିଯୋଗର ତଦନ୍ତ କରିବା ପୂର୍ବରୁ ସମ୍ପାଦକ ଶ୍ରୀ ମଲ୍ଲିକଙ୍କ ଅବସରକାଳୀନ ଟଙ୍କା ପ୍ରଦାନ କରାଗଲେ, ସେ ଧାରଣା ଦେବା ସହିତ କୌଣସି ଅଘଟଣ ଘଟିଲେ ବ୍ୟାଙ୍କ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାବନୀ ଦେଇଥିଲେ। ଆଜି ପୂର୍ବାହ୍ନରେ ବ୍ୟାଙ୍କ ପ୍ରଶାସନିକ ଭବନ ସମ୍ମୁଖରେ ଧାରଣା ଦେଇଥିଲେ। କିନ୍ତୁ ଅପରାହ୍ନରେ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷ ତାଙ୍କୁ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିବା

### ପ୍ରାପ୍ୟ ପ୍ରଦାନ ନେଇ ପ୍ରତିଶୃତି ପରେ ସ୍ଥଗିତ

ପରେ ହଠାତ ଶ୍ରୀ ନାୟକ ତାଙ୍କର ଧାରଣାକୁ ସ୍ଥଗିତ ରଖିଥିଲେ। ହଠାତ ସ୍ଥଗିତକୁ ନେଇ ସାଧାରଣରେ ସନ୍ଦେହ ପ୍ରକୋଟ କରିବା ସହିତ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ନାୟକଙ୍କ କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଧାରଣାରୁ ବିରତ ରହିଥିବା ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ନାୟକ କହିଛନ୍ତି ଯେ, ତାଙ୍କର ଅବସରକାଳୀନ ପ୍ରାପ୍ୟଟଙ୍କା ପ୍ରଦାନ କରାଯିବ। ଯେଉଁ କିଛି ଅଭିଯୋଗ ତାଙ୍କ ବିରୋଧରେ ରହିଛି, ଉକ୍ତ ପ୍ରାପ୍ୟ ଟଙ୍କା ଗୁଡିକ ତଦନ୍ତ ପରେ ପ୍ରଦାନ କରାଯିବ ବୋଲି ବ୍ୟାଙ୍କର ପରିଚାଳନା କମିଟିର ସଭାପତି ଇଶ୍ୱର ଚରଣ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶକ ସମେତ ଅଧିକାରୀମାନଙ୍କ ପ୍ରତିଶୃତି ପରେ ସେ ଧାରଣାକୁ ସ୍ଥଗିତ ରଖିଥିଲେ। ସେହିପରି ସଭାପତି ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ଧାରଣାରତ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ନାୟକଙ୍କୁ କାର୍ଯ୍ୟାଳୟକୁ ଡକାଯାଇ ବୁଝାସୁଝା ସହିତ ତାଙ୍କର ଅବସରକାଳୀନ ପ୍ରାପ୍ୟ ଟଙ୍କା ପ୍ରଦାନ କରାଯିବ। ସେହିପରି ଆଜି ଅବସର ଗ୍ରହଣ କରିଥିବା ସମ୍ପାଦକ ଶ୍ରୀ ମଲ୍ଲିକଙ୍କ ବିରୋଧରେ ଯେଉଁ ଅଭିଯୋଗ କରାଯାଇଛି ତାହାର ସତ୍ୟସତ୍ୟତା ତଦନ୍ତ କରାଯାଇ ତାଙ୍କର ପ୍ରାପ୍ୟ ଟଙ୍କା ପ୍ରଦାନ କରାଯିବ। କିନ୍ତୁ ଯେଉଁ ଟଙ୍କା ପାଇବାର ନିୟମ ଅନୁଯାୟୀ ତାଙ୍କର ଅଧିକାର ରହିଛି ଉକ୍ତ ଟଙ୍କା ପ୍ରଦାନ କରିବାରେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି।

# ସିନାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ଲକ୍ଷ୍ମୀପୁର,୩୧।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦମହକୁମାରେ ଥିବା ସିନାଇ ପବ୍ଲିକ ସ୍କୁଲରେ ଶୁକ୍ରବାର ସନ୍ଧ୍ୟାରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରିନ୍ସିପଲ ଡ. କୁବେର ପରିଛା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୁର୍ବତନ ସାଂସଦ ତଥା ବିଜେଡିର ଜିଲ୍ଲା ସଭାପତି ଝିନ୍ନ ହିକକା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁତି ଭୁଷଣ ଟାକ୍ରି, ମଦନ ମୋହନ ମୁଦୁଲି ଯୋଗଦେଇଥିଲେ। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ବେଶଭୂଷାରେ ନିଜକୁ ସଜାଇ ଷ୍ଟେଜ ଉପରେ ନାଚଗୀତ ପ୍ରଦର୍ଶନ କରିଥିଲେ। ଏହି ବିଦ୍ୟାଳୟରେ ୩୭୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥିରେ ନର୍ସରୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢିବାର ବ୍ୟବସ୍ଥା ରହିଛି। ଏଥିରେ ଜଣେ ଅଧ୍ୟକ୍ଷ ସହ ଶିକ୍ଷକ ଶିକ୍ଷୟତ୍ରୀ ସଂଖ୍ୟା ୧୭ ଜଣ ଅଛନ୍ତି । ଏହି ବାର୍ଷିକ ଉତ୍ସବ ପାଳନ ସମୟରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଯଥା ସତନ୍ତ୍ର ଗ୍ରୁପର ଗାୟତ୍ରୀ ମାଣ୍ଡିଙ୍ଗା, ବଶିଷ୍ଠ (ଏ) ଗୌରୀ ମାଣ୍ଡିଙ୍ଗା, ବଶିଷ୍ଠ (ବି) ସ୍ମୃତି ମେଲେକା, କନିଷ୍ଠ କାଲପି ଗରଡ଼ା, ଅତି କନିଷ୍ଠ ଦେବସ୍ମିତା ବେହେରା ଓ କେତେକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଭଲ ଶିକ୍ଷୟିତ୍ରୀ ଭାବେ ହେମାଙ୍ଗିନି ହିମେରିକା, ଶିବାନୀ ତୁରୁକ୍ ଓ ସୁଭ୍ରସ୍ମିତା ଅଚାରୀୟାଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷଙ୍କ ଦମ୍ପତି ବାର୍ଷିକ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ କଳା ପ୍ରଦର୍ଶନ ଦେଖି ଖୁସି ବ୍ୟକ୍ତ କରିଥିଲେ।

# ଅବକାରୀ ଚଢ଼ଉ ; ପୋଚ ଓ ମଦ ଜବତ

କୋରାପୁଟ,୩୧।୧(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଏବଂ ଲକ୍ଷ୍ମୀପୁର ଅବକାରୀ ଥାନା କର୍ମଚାରୀ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡେଙ୍ଗାଜାନିଗୁଡ଼ା ଗ୍ରାମରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ ମଦ ଓ ପୋଚ ଜବତ କରିଥିବା ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଡେଙ୍ଗାଜାନିଗୁଡ଼ାରେ ବ୍ୟାପକ ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରି ହେଉଥିବା ଅଭିଯୋଗ ପାଇ ସେହି ସ୍ଥାନରେ ଚଢ଼ଉ ପାଇଁ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଆଜି ଡେଙ୍ଗାଜାନିଗୁଡ଼ା ନାଳରେ ଚଢ଼ଉ କରି ୩୫୦୦ ଲିଟର ପୋଚ ଏବଂ ୧୮୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଢିଆରି, କୋରାପୁଟ ଓଆଇସି ଜଗବନ୍ଧୁ ଜାନି, ଲକ୍ଷ୍ମୀପୁର ଓଆଇସି କୁଶ ଜାଲ, ଏଏସଆଇ କୋମଳ କୁମାରୀ ମହାକୁଡ଼, ମମତାମୟୀ ମହାନ୍ତି, ଧନୁର୍ଜୟ ପୂଜାରୀ, ମୀର ମୁସ୍ତାକ ଅଲ୍ଲୀ ଚଢ଼ାଉରେ ସାମିଲ ହୋଇଥିଲେ।

# ଫେବୃୟାରୀ ୪ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା



ନବରଙ୍ଗପୁର,୩୧।୧(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୫-୨୬ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୪ ଫେବୃୟାରୀରେ ଜିଲ୍ଲାର ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନଙ୍କ ପାଇଁ ରାଜା ଶ୍ରୀ ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ ଖେଳ ପଡ଼ିଆରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ହେବାକୁ ଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଡ଼ଃ ସ୍ୱାଇଁ। ଏହି ନିଯୁକ୍ତି ମେଳାରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ୪୦ ରୁ ଅଧିକ ଘରୋଇ ନିଯୁକ୍ତି ସଂସ୍ଥା ଏବଂ ତାଲିମ ପ୍ରଦାନକାରୀ ସହ ନିଯୁକ୍ତି ସଂସ୍ଥା ଗୁଡ଼ିକ ଅଂଶଗ୍ରହଣ କରିବେ। କିଛି ସଂସ୍ଥାରେ ସିଧାସଳଖ ନିଯୁକ୍ତି ପ୍ରଦାନ କରାଯିବ ଏବଂ ଅନ୍ୟ କେତୋଟି ସଂସ୍ଥାରେ ଦକ୍ଷତା ତାଲିମ ପରେ ନିଯୁକ୍ତି ଯୋଗାଇଦିଆଯିବ। ତେଣୁ ଜିଲ୍ଲାର ୧୭ ରୁ ୩୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ନିଯୁକ୍ତିଆଶାୟୀ ଯୁବକ ଯୁବତୀ ଯେଉଁମାନେ ସର୍ବନିମ୍ନ ପଞ୍ଚମ ଶ୍ରେଣୀ, ଦଶମ ଶ୍ରେଣୀ, +୨, +୩, ଆଇଟିଆଇ , ଡିପ୍ଲୋମା ଧାରି ଏବଂ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି, ସେମାନଙ୍କୁ ସେମାନଙ୍କର ଶିକ୍ଷାଗତ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର ଏବଂ ପାସପୋର୍ଟ ଆକାର ଫଟୋ ସହିତ ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ଏହି ମେଳାରେ ଡାଟା ଏଣ୍ଟ୍ରି ଅପରେଟର, ସିକ୍ୟୁରିଟି, ଅଟୋମୋବାଇଲ, ବ୍ୟାଙ୍କିଙ୍ଗ, ନିର୍ମାଣ, ସିଉଇଂ ମେସିନ ଅପରେଟର, ଅଗ୍ନିବୀର, ଇଲେକ୍ଟ୍ରିସିଆନ, ଇଲେକ୍ଟ୍ରୀ ଭେହିକିଲ ଟେକ୍ନିସିଆନ୍ ଭଳି ବିଭିନ୍ନ ନିଯୁକ୍ତିର ସମ୍ଭାବନା ନେଇ ବିଭିନ୍ନ କମ୍ପାନୀ ଓ ସଂସ୍ଥା ମେଳାରେ ଯୋଗ ଦେବେ। ଚନ୍ଦାହାଣ୍ଡି, ରାଇଘର ଏବଂ ଉମରକୋଟ ବ୍ଲକ ଭଳି ଦୂର ଦୁରାନ୍ତରୁ ଆଶାୟୀ ପ୍ରାର୍ଥୀଙ୍କ ପାଇଁ ବସ ସେବା ବ୍ୟବସ୍ଥା କରାଯାଇଛି। ମେଳାରେ ପାର୍ଥି ମାନଙ୍କ ପାଇଁ ପଞ୍ଜିକରଣ, ଖାଦ୍ୟ ଓ ପାନୀୟ ଜଳ, ଶୌଚାଳୟର ବ୍ୟବସ୍ଥା କରାଯାଉଛି।

● -ସମୂହ ପ୍ରଶାସନିକ ଅଧିକାରୀଙ୍କ କୋଟିଆ ଗସ୍ତ

# ନେରିଡିବାଲସାରେ କମ୍ୟୁନିଟି ହଲ୍‌କୁ କଲେ ଉଦ୍‌ଘାଟନ



ପଟାଙ୍ଗି,୩୧।୧(ସମିସ): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମଗୁଡ଼ିକରେ ପଟାଙ୍ଗି ପ୍ରଶାସନିକ ଅଧିକାରୀମାନେ ସାମୁହିକ ଭାବେ ଗସ୍ତ କରିଥିଲେ। କୋଟିଆ ସୀମାନ୍ତ ଅଞ୍ଚଳବାସୀ ଅନ୍ତର୍ଭୁକ୍ତି ମୂଳକ ବିକାଶ ଏବଂ କଲ୍ୟାଣ ପ୍ରତି ଓଡ଼ିଶା ସରକାରଙ୍କ କେନ୍ଦ୍ରିତ ଆଭିମୁଖ୍ୟକୁ ଜାରି ରଖି, କୋଟିଆର ବିଭିନ୍ନ ସୀମାନ୍ତ ଗ୍ରାମଗୁଡ଼ିକୁ ଅଧିକାରୀମାନେ ମିଶି କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ୍ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧରୁଆ, କୋଟିଆର ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ (ଓଏସଡି) ସୌରଭ ଦାଶ ଏବଂ କୋଟିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଲିଉ ଗେମେଲ ଉପସ୍ଥିତ ରହିଥିଲେ । ଏହି ପରିଦର୍ଶନ ସମୟରେ ଗ୍ରାମବାସୀମାନଙ୍କୁ ସାମାଜିକ, ସାଂସ୍କୃତିକ, ବିକାଶମୂଳକ କାର୍ଯ୍ୟକଳାପ ଆୟୋଜନ କରାଯାଇପାରିବ ଏବଂ ଏହି ଦୂରବର୍ତ୍ତୀ ସୀମାନ୍ତ ଅଞ୍ଚଳରେ ସାମୂହିକ ଅଂଶଗ୍ରହଣର ମନୋଭାବକୁ ସୁଦୃଢ଼ କରିବା ନିମନ୍ତେ କୋଟିଆ ସରପଞ୍ଚ ଶ୍ରୀ ଗେମେଲ ନେରିଡିଭାଲସାରେ ଥିବା ନୂତନ କମ୍ୟୁନିଟି ହଲ୍‌ଟିକୁ ଉଦ୍‌ଘାଟନ କରିଥିଲେ। ଅଧିକାରୀମାନେ ନେରିଡିୱାଲସା, ଧୂଳିପଦର, ଉପର ସେମ୍ବିରେ ଥିବା ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରର ଛାତ୍ର ଏବଂ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଗସ୍ତରେ ସୀମାନ୍ତ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ପିଲାମାନଙ୍କ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦେଇ ଗୁଣାତ୍ମକ ଶିକ୍ଷା, ପୁଷ୍ଟିସାର, ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ଶିଶୁ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। କୋଟିଆର ଭୌଗୋଳିକ ପରିସ୍ଥିତିରେ କାର୍ଯ୍ୟ କରୁଥିବା ଶିକ୍ଷକ ଏବଂ ଅଙ୍ଗନବାଡି କର୍ମୀଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ଏହି କ୍ଷେତ୍ର ପରିଦର୍ଶନ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ଯୋଗାଣକୁ ସୁଦୃଢ଼ କରିବା, ସାର୍ବଜନୀନ ଭିତ୍ତିଭୂମିରେ ଉନ୍ନତି ଆଣିବା ଏବଂ କୋଟିଆ ସୀମାନ୍ତ ଗ୍ରାମଗୁଡ଼ିକର ବାସିନ୍ଦାଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବା ପାଇଁ । ଏହିପରି ନିରନ୍ତର ପ୍ରଶାସନିକ ଉପସ୍ଥିତି ଏବଂ ନିୟୋଜିତତା ଓଡ଼ିଶାର ଶାସନ ଢାଞ୍ଚାରେ ନିଜରତା ଏବଂ ବିଶ୍ୱାସର ଭାବନାକୁ ସୁଦୃଢ଼ କରିବା ସହିତ ବିକାଶର ଲାଭ ପ୍ରତ୍ୟେକ ନାଗରିକଙ୍କ ନିକଟରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖି ଅଧିକାରୀମାନେ ଗସ୍ତ କରିଥିବା ନେଇ ଜଣାପଡିଛି।

# ମାନସିକ ଚାପରେ ନାବାଳିକାଙ୍କ ଆତ୍ମହତ୍ୟା ଅଭିଯୋଗ

ପୋଡ଼ାଗଡ଼,୩୧।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆଗୁଡା ପଞ୍ଚାୟତ ଅନ୍ତର୍ଗତ ବାଗେଇ ପଦର ଗ୍ରାମରେ ଶୁକ୍ରବାର ସୁରେନ୍ଦ୍ର ଖରାଙ୍କ ନାବାଳିକା ଝିଅ ଅନାମିକା ଖରା ନିଜ ଓଢ଼ଣୀ ବେକରେ ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ସେ ମାନସିକ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ନେଇ ଦଶମନ୍ତପୁର ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। କିଛି ଦିନ ହେବ ୪ଜଣ ଯୁବକ ତାଙ୍କୁ ବ୍ଲକମେଲିଂ କରୁଥିବାରୁ ତାହାକୁ ସହ୍ୟ କରି ନପାରି ଝିଅ ଆତ୍ମହତ୍ୟା କରିଥିବା ନେଇ ଏତଲାରେ ଦର୍ଶାଯାଇଛି। ଏତଲା ପରେ ଦଶମନ୍ତପୁର ଥାନା ଅଧିକାରୀ ଚରଣ ସିଂ ମାଝୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ବଗେଇ ପଦର ଗ୍ରାମରେ ପହଞ୍ଚି ମୃତଦେହ ଉଦ୍ଧାର କରି କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଝିଅ ବ୍ୟବହାର କରୁଥିବା ମୋବାଇଲ ଫୋନ ଜବତ କରିଥିଲା। ଏହି ଘଟଣାରେ ଜଣେ ଯୁବକକୁ ଅଟକ ରଖି ପଚରାଉଚରା ପରେ ଛାଡ଼ି ଦିଆଯାଇଛି। ତେବେ ଏନେଇ ଥାନାରେ ୧୧/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ କହିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଥିବା ଦେଖାଦେଇଛି।

■ ନାହିଁ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର

# ପର ଘରେ ଚାଲିଛି ଶିଶୁଙ୍କ ଭବିଷ୍ୟତ ଗଢ଼ା



ବୈପାରିଗୁଡ଼ା,୩୧।୧(ସମିସ): ବୈପାରିଗୁଡା ବ୍ଲକର ଚିକିମା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ। ବାଧ ହୋଇ ପର ଘରେ ଚାଲୁଛି କେନ୍ଦ୍ର। କୋମଳମତି ଶିଶୁଙ୍କ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପିଲାଙ୍କ ପୋଷଣ ଯୁକ୍ତ ଖାଦ୍ୟଠାରୁ ଆରମ୍ଭ କରି ପ୍ରାକ୍ ଶିକ୍ଷା ପାଇଁ ବହି, ପୋଷାକ ଭଳି ବିଭିନ୍ନ ସାମଗ୍ରୀ ଯୋଗାଇ ଦିଆଯାଉଛି। କିନ୍ତୁ ୧୦ ବର୍ଷ ତଳେ ନିର୍ମାଣ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ର ଆଜି ଭୁଶୁଡିବା ଅବସ୍ଥାରେ। ଅଙ୍ଗନବାଡ଼ି କେନ୍ଦ୍ରର ଦୟନୀୟ ଅବସ୍ଥା ଦେଖି ଅଭିଭାବକ କେନ୍ଦ୍ରକୁ ଛାଡ଼ିଲେ ନାହିଁ ପିଲାଙ୍କୁ। ଶେଷରେ ବାଧହୋଇ ନିଜସ୍ୱ କେନ୍ଦ୍ର ନ ଥିବା ଯୋଗୁଁ ଗାଁର ବୁଦ୍ଧିଜୀବୀ ସୁଶାନ୍ତ ମହାନ୍ତିଙ୍କ ଘରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର। ଏନେଇ ସ୍ଥାନୀୟ ସରପଞ୍ଚ ଯମୁନା ନାୟକଙ୍କ ପଚାରିବାରୁ ସେ କହିଛନ୍ତି, ବୋଦାପୁଟ ପଞ୍ଚାୟତର ତେନ୍ତୁଲିପୋଡା ଏବଂ ଚିକିମା ଠାରେ ନୂତନ ଗୃହ ନିର୍ମାଣ ପାଇଁ ବିଡ଼ିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ଅତିଶୀଘ୍ର ଘର ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି। ଘର ହେଲେ ସମସ୍ୟା ସମାଧାନ ହେବ। ଏନେଇ ସ୍ଥାନୀୟ ସିଡିପିଓ ସବିତା ବ୍ରହ୍ମା କହିଛନ୍ତି, ନୂଆ କୋଠା ନିର୍ମାଣ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧୀନରେ ରହିଛି। କିନ୍ତୁ ନିୟମ ଅନୁଯାୟୀ ପିଲାଙ୍କୁ ପ୍ରାକ୍ ବିଦ୍ୟାଳୟ ସହ ସମସ୍ତ ପ୍ରକାର ସୁବିଧା ଯୋଗାଇଦିଆଯାଉଛି।

# ତେନ୍ତୁଲିଖୁଣ୍ଟି ବିଜେପି ମଣ୍ଡଳ ସଂଗଠନ ଦାୟିତ୍ୱ ପ୍ରଦାନ

ତେନ୍ତୁଲିଖୁଣ୍ଟି,୩୧।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବିଜେପି ମଣ୍ଡଳରେ ସାଂଗଠାନିକ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲ ସାଂଗଠନିକ ସମ୍ପାଦକ ମାନସକୁମାର ମହାନ୍ତି ତଥା ଜିଲ୍ଲା ଭାଜପା ସଭାପତି କୁଞ୍ଜ ବିହାରୀ ଦାସଙ୍କ ଅନୁମୋଦନ କ୍ରମେ ପ୍ରଦାନ କରାଯାଇଥିବା ବିଜେପି ପକ୍ଷରୁ ସୂଚନା ମିଳିଛି। ତେନ୍ତୁଲିଖୁଣ୍ଟି ମଣ୍ଡଳ ସଭାପତି ଭାବେ ପ୍ରଶାନ୍ତ କୁମାର ନାୟକ, ଉପସଭାପତି ଭାବେ ପ୍ରଦୀପ ସାହା, ରଶ୍ମିତା ନାୟକ,ଦୂର୍ମନ ବିଷୋୟୀ, ସିମାଞ୍ଚଳ ସିଂହ, ଭାଗ୍ୟବତୀ ହରିଜନ, ବାଳ କୃଷ୍ଣ ବିଷୋୟୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ବାବୁଲା ନାୟକ ଓ ଚନ୍ଦ୍ର ଶେଖର ଜେନା ଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ପାଦକ ଭାବେ ଗୋପାଳ କୃଷ୍ଣ ନାୟକ, ଝରଣା ମୁଦୁଲି, ଦାଶରଥି ନାୟକ, ଲଛମନ ମାଝୀ, ମଙ୍ଗଳ ଦାନ ହରିଜନ ଓ କୋଷାଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସମୀକରଣ ଉପରେ ଜୋର୍ ଦିଆଯାଇଥିବା ଦେଖାଯାଇଛି।

# 'ସଡ଼କ ସୁରକ୍ଷା ନିୟମ ମାନିବା ସହ ଡିଏଲ୍, ଇନ୍ସୁରାନ୍ସ ଧରି ଗାଡ଼ି ଚଳାଅ'




ନବରଙ୍ଗପୁର,୩୧।୧(ସମିସ): ନବରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଜାତୀୟ ସଡକ ସୁରକ୍ଷା ମାସ ୨୦୨୬ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ ମାନିବା ଓ ଡିଏଲ, ଇନ୍ସୁରାନ୍ସ ସହ ଗାଡ଼ି ଚାଳନା କରିବାକୁ ପରାମର୍ଶ ଦେବା ସହିତ ଗାଡ଼ି ଚାଳନାରେ ସବୁବେଳେ ସତର୍କ ରହିବା, ହେଲମେଟ, ସିଟବେଲ୍ଟ ସହ ସୁରକ୍ଷିତ ଯାତ୍ରାକୁ ପ୍ରାଧାନ୍ୟ ଦେଇ କୌଣସି ଅନ୍ୟମନସ୍କତାକୁ ପ୍ରଶ୍ରୟ ନ ଦେବା ପାଇଁ କହିଥିଲେ ନବରଙ୍ଗପୁର ବିଧାୟକ ଶ୍ରୀ ମାଝୀ । ଏହି ଅବସରରେ ସମ୍ମନିତ ଅତିଥି ଭାବରେ ଯୋଗ ଦେଇ ଦୁର୍ଘଟଣାକୁ ରୋକିବାକୁ ବିଶେଷ ସତର୍କ ଉପାୟ ଉପରେ କହିଥିଲେ। ଆଇନଜୀବୀ କିଶୋରୀ ପଟ୍ଟନାୟକ ମୋଟର ଭେହିକିଲ ଆକ୍ଟ ୧୯୮୮, ହିଟ୍ ଏଣ୍ଡ ରନ ଓ ଅନ୍ୟାନ୍ୟ ଦୁର୍ଘଟଣା ସମ୍ବନ୍ଧୀୟ ଆଇନ ସହାୟତା ଉପରେ ବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ନିଖିଳ ଉକ୍ରଳ ଆଇନଜୀବୀ ପରିଷଦ ଉପସଭାପତି ନୃସିଂହ ତ୍ରିପାଠୀ, ଡିଏଲଏସଏ ସଭ୍ୟ ତଥା ଆଇନଜୀବୀ କିଶୋରୀ ପଟ୍ଟନାୟକ ପ୍ରମୁଖ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ। ଏହି ଅବସରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରିୟ ରଞ୍ଜନ ନନ୍ଦ, ଭାରତୀୟ ଜୀବନବୀମା ନିଗମ ନବରଙ୍ଗପୁର ଶାଖା ଅଧିକାରୀ ତୁଳସୀରାମ ମାଝୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ଆବାହକ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ଉପରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ପୁରସ୍କୃତ କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡା. ନନ୍ଦ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପହଞ୍ଚିବାକୁ ସହାୟତା କରିଥିବା ଗୁଡ ସାମାରିଟାନ୍ ତିଳ ଭତରା, ମିନୁ ହରିଜନ,ଦୁର୍ଯୋଧନ,ଆକାଶ ସାମର୍ଥ, ଗଙ୍ଗାଧର ପାତ୍ରଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଏବଂ ସାର୍ଟିଫିକେଟ ସହ ସମ୍ମାନୀତ କରାଯାଇଥିଲା। ଏହି ସମାରୋହରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ସଭ୍ୟ, ସଡ଼କ ସୁରକ୍ଷା ଅଧିକାରୀ ଉତ୍ତମ ରାଉତ, ଅଧିକ୍ଷଣ ଯନ୍ତ୍ରୀ( ରାସ୍ତା ଓ ଗୃହନିର୍ମାଣ ) କେ. କନ୍ଧପାନି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ ବେହେରା, ଟ୍ରାଫିକ ସବ୍ ଇନ୍ସପେକ୍ଟର ଅଭିନାସ ବଳ, ଡ୍ରାଇଭର ସଂଘ କର୍ମକର୍ତ୍ତା, ବସସଂଘର କର୍ମକର୍ତ୍ତା, ଗାଡ଼ି ଚାଳକ, ଆର୍‌ସିଡି ସ୍କୁଲର ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ସେମିଳିଗୁଡା ଗସ୍ତ



ସେମିଳିଗୁଡା,୩୧।୧(ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ଓ ସେମିଳିଗୁଡା ଅଞ୍ଚଳରେ ସୁନାବେଡା ପୌର ପରିଷଦ ଦ୍ୱାରା ଚାଲୁଥିବା ଉନୟନ୍ କାର୍ଯ୍ୟକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଶନିବାର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ମନୋଜ ସେମିଳିଗୁଡା ବ୍ଲକ୍ ଓ ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ। ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ ରାଜପୁତ ପଞ୍ଚାୟତ ପରିଦର୍ଶନ କରିଥିଲେ। ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଦେଖିଥିଲେ। କାମ ଜଲଦି ଶେଷ କରିବା ପାଇଁ ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନଙ୍କୁ ଆଦେଶ ଦେଇଥିଲେ। ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ସରପଞ୍ଚ ପିତାମ୍ବର କିର୍ଶନୀ ଓ ବ୍ଲକ୍ ଅଧିକାରୀ କର୍ମଚାରୀ ଯୋଗ ଦେଇଥିଲେ। ସୁନାବେଡାରେ ବିଭିନ୍ନ ୱାର୍ଡ ରେ ଚାଲୁଥିବା ଉନ୍ନୟନ କାମ ତଦାରଖ କରିଥିଲେ। ନିର୍ଦ୍ଧାରିତ ସମୟରେ କାମ ଶେଷ କରିବା ପାଇଁ ପୌର ପରିଷଦର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର୍ ନାୟକୟଙ୍କୁ ନର୍ଦ୍ଦେଶ ଦେଇଥିଲେ। ପରେ ସେମିଳିଗୁଡାର ଭେଣ୍ଡିଂ ଜୋନ, ମଲ୍ଟି ଫଙ୍କସନ୍ ହାଲ ପରିଦର୍ଶନ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୯୬ • ପାଉଣ୍ଡ ୧୨୭.୧୪
- ୟୁରୋ ୧୧୦.୫୫ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୫,୧୦୦ (ଭୁବନେଶ୍ୱର)
- ରୁପା : ୩,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୨୬୯.୦୦
- ନିଫ୍ଟି ୨୫,୩୨୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନୂଆ ବଜେଟ୍; ବଡ଼ ଆଶା

ନୂଆଦିଲ୍ଲୀ, ୩୧ା୧ (ଏଜେନ୍ସି): କେନ୍ଦ୍ରୀୟ ବଜେଟକୁ ନେଇ ଲୋକଙ୍କ ମନରେ ବହୁତ ସାରା ଆଶା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିଜର ଏହି ରେକର୍ଡ ବଜେଟରେ ବଡ଼ ଆଶ୍ୱସ୍ତି ଦେବେ ବୋଲି ଲୋକେ ଭାବୁଛନ୍ତି। ଆୟ କରରେ ଲୋକେ ରିଆତି ଚାହୁଁଛନ୍ତି। ଆଉ କିଛି ଆୟ କର ହଟାଇ ଦେବାକୁ ଦାବି କରୁଛନ୍ତି। ଗତ ବଜେଟରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ସରକାର ଟିକସ ଛାଡ଼ କରିଥିଲେ। ମାତ୍ର ଏଥିରେ ମଧ୍ୟ କିଛି ସର୍ତ୍ତ ରଖାଯାଇଥିଲା। ଚଳିତ ଥର ଲୋକେ ଆଉ କିଛି



ଦୁର୍ବଳତା ପୂରଣ କରାଯାଉ ବୋଲି ଚାହୁଁଛନ୍ତି। ସ୍ୱାସ୍ଥ୍ୟ ଖର୍ଚ୍ଚ, ବୃଦ୍ଧବୃଦ୍ଧାଙ୍କ ସୁରକ୍ଷା, ପଢ଼ା ଖର୍ଚ୍ଚ ହ୍ରାସ କରିବାକୁ ଲୋକେ ଦାବି କରୁଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ବଜେଟ ଲୋକଙ୍କ ବ୍ୟୟ କ୍ଷମତା ଏବଂ ଆର୍ଥିକ ନିଷ୍ପତ୍ତିକୁ ପ୍ରଭାବିତ କରିଥାଏ। ଏହି ବଜେଟରେ ଟାର୍ଗେଟେଡ ଏବଂ ଗଠନମୂଳକ ସୁଧାରକୁ ଧ୍ୟାନ ଦିଆଯିବା ଉଚିତ। ଟିକସ ବ୍ୟବସ୍ଥାକୁ ଅଧିକ ବ୍ୟାବହାରିକ ଏବଂ ନ୍ୟାୟସଙ୍ଗତ କରିବା ପାଇଁ ଏହା ଜରୁରୀ।

ଭାରତର ଟିକସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତି ଆଧାରିତ। ମାତ୍ର ବାସ୍ତବରେ ଘର ଖର୍ଚ୍ଚ ଏବଂ ସଞ୍ଚୟ ପତିପତ୍ନୀ ମିଶି ସମ୍ଭାଳିଥାନ୍ତି। ଏହା ଦ୍ୱାରା ଏକକ ଆୟକାରୀ ପରିବାର ଉପରେ ଟିକସ ବୋଝ ଅଧିକ ପଡ଼ିଥାଏ। ସେଥିପାଇଁ ବିବାହିତ ଦମ୍ପତିଙ୍କ ପାଇଁ ଜଏଣ୍ଟ ଟ୍ୟାକ୍ସେସନ ନିୟମ ଆଣିବାକୁ କୁହାଯାଉଛି। ଅନେକ ଦେଶ ପରିବାରକୁ ଏକ ଆର୍ଥିକ ସଂଗଠନ ମାନୁଛନ୍ତି। ଭାରତରେ ମଧ୍ୟ ଏଭଳି ବିକଳ୍ପ ଉପଯୋଗୀ ହୋଇପାରେ।

ଗତ ବର୍ଷ ବରିଷ୍ଠ ନାଗରିକଙ୍କ ସୁଧରୁ ଆୟ ଉପରେ ଟିଡିଏସ ସୀମା ବଢ଼ାଇ ଲକ୍ଷେ କରାଯାଇଥିଲା। ଏହା ସତ୍ତ୍ୱେ ଧାରା ୮୦ଟିଟିବି ଅଧୀନରେ ଆଶ୍ୱସ୍ତି ୫୦ ହଜାର ମଧ୍ୟରେ ସୀମିତ ରହିଛି। ଏହା ଦ୍ୱାରା ବୃଦ୍ଧଙ୍କ ଉପରେ ଅକାରଣରେ ଟିକସ ଏବଂ କାଗଜପତ୍ରର ବୋଝ ବଢୁଛି। ସେହିପରି ଚିକିତ୍ସା ଖର୍ଚ୍ଚ ମଧ୍ୟ ବହୁ ଗୁଣିତ ହେବାରେ ଲାଗିଛି। ମାତ୍ର ଟିକସ ରିଆତିର କୌଣସି ଆଶ୍ୱସ୍ତି ଦିଆଯାଇ ନାହିଁ। ଏବେ ଧାରା ୮୦ଡି ଅଧୀନରେ ସ୍ୱାସ୍ଥ୍ୟ ବୀମା ନଥିବା ବରିଷ୍ଠ ନାଗରିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ମେଡିକାଲ ଖର୍ଚ୍ଚ ଦାବି କରିପାରିବେ। ଏହି ସୁବିଧା ଅନ୍ୟମାନଙ୍କୁ ମଧ୍ୟ ମିଳିବା ଉଚିତ। ଏହି ସୀମାକୁ ବଢ଼ାଇ ଲକ୍ଷେ କରାଯିବା ଆବଶ୍ୟକ। ଏହା ବ୍ୟତୀତ ଇଲେକ୍ଟ୍ରୋନିକ୍ସ, ଫାର୍ମା, ସ୍ୱାସ୍ଥ୍ୟ ସେବା, ଉତ୍ପାଦନ ଏବଂ ଡିଜିଟାଲ ସେବାର ବିକାଶ ପାଇଁ ପ୍ରୋତ୍ସାହନ ଘୋଷଣା କରିବାକୁ ଉଦ୍ୟୋଗ ଜଗତ ଦାବି କରୁଛି।

## ମହାଶିବରାତ୍ରି ଉପଲକ୍ଷେ ଚାନ୍ଦି ଭଣ୍ଡାରର 'ଭୈରବ କଲେକ୍ସନ'

ଭୁବନେଶ୍ୱର, ୩୧ା୧ (ସମିସ): ମହାଶିବରାତ୍ରୀ ଉପଲକ୍ଷେ ଚାନ୍ଦି ଭଣ୍ଡାର 'ଭୈରବ କଲେକ୍ସନ' ଉନ୍ମୋଚନ କରିଛି। ଏହା ଭଗବାନ ଭୈରବଙ୍କ ଉଗ୍ର ତଥା ରକ୍ଷକ ରୂପ ଦ୍ୱାରା ଅନୁପ୍ରାଣୀତ ହୋଇଛି। ଶୁଦ୍ଧ ୯୨.୫ ଷ୍ଟର୍ଲିଂ ରୁପାରେ ପ୍ରସ୍ତୁତ 'ଭୈରବ କଲେକ୍ସନ' ଭକ୍ତି, ଡିଜାଇନ୍ ଏବଂ ଉଦ୍ଦେଶ୍ୟକୁ ଏକତ୍ରିତ କରିଛି। ଏହି ଉନ୍ମୋଚନର କେନ୍ଦ୍ରରେ




ରହିଛି ପ୍ରତୀକାତ୍ମକ ନନ୍ଦୀ ପେଣ୍ଡେଣ୍ଟ। ଏହା ଭକ୍ତି ଏବଂ ଅଟଳ ବିଶ୍ୱାସର ଏକ କାଳଜୟୀ ପ୍ରତୀକ। ଏହି ସମ୍ଭାରରେ ପୁରୁଷ ଏବଂ ମହିଳାଙ୍କ ଆଷ୍ଟ୍ରୋ ବିଡ୍ସ ବ୍ରେସ୍ଲେଟ୍ ରେଞ୍ଜ୍। ଏହାକୁ ଷ୍ଟର୍ଲିଂ ରୁପାରେ ଏକ ସମସାମୟିକ ତାବିଜ ଭାବେ ପିନ୍ଧିବା ଲାଗି ଡିଜାଇନ୍ କରାଯାଇଛି। ପୁରୁଷଙ୍କ ଡିଜାଇନରେ ବ୍ଲାକ୍ ଅନିକ୍ସ, ହାଓଲାଇଟ୍, ପାଇରାଇଟ୍, ଗ୍ରୀନ୍ ଆଭେଞ୍ଚରିନ୍, ଜେବ୍ରା ଆଗାଟେ ଏବଂ କ୍ଲିୟର କ୍ରିଷ୍ଟାଲ ଆଦି ପଥର ବ୍ୟବହାର ହୋଇଛି। ମହିଳାଙ୍କ ବ୍ରେସଲେଟରେ ଲାପିସ ଲାଜୁଲି, ଗ୍ରେ ମୁନଷ୍ଟୋନ, ପିକାସୋ ଜାସପର, ପିକାସୋ ଜାସପର, କ୍ଲିୟର କ୍ରିଷ୍ଟାଲ ଏବଂ ରୋଜ୍ କ୍ୱାର୍ଜ ଆଦି ପଥର ବ୍ୟବହାର ହୋଇଛି। ପ୍ରତ୍ୟେକ ମଣି ଶରୀରର ବିଭିନ୍ନ ଚକ୍ର ସହ ସଂଯୁକ୍ତ। ମହାଶିବରାତ୍ରୀକୁ ଅଧିକ ସ୍ୱତନ୍ତ୍ର କରିବାକୁ ଯାଇ ଚାନ୍ଦି ଭଣ୍ଡାର ଏହି 'ଗିଫ୍ଟ ଏ ପାୟଲ' ଆଣିଛି। ଗ୍ରାହକ ନିଜ ପସନ୍ଦ ଅନୁସାରୀ ବ୍ୟାପକ ସମ୍ଭାରରୁ ପାଉଁଜି ବାଛି ନେଇପାରିବେ। ଏହି ଅବସରରେ ଚାନ୍ଦି ଭଣ୍ଡାର ସୀମିତ ସମୟ ପାଇଁ ଅଫର ଆଣିଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଗ୍ରାହକ ଫ୍ଲାଟ ୧୦ ପ୍ରତିଶତ ରିହାତି ପାଇବେ। ଏହାକୁ ନେଇ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କହିଛନ୍ତି ଯେ ବଜାରରେ ଏଭଳି ସମ୍ଭାର ଆଣିବାରେ ଚାନ୍ଦି ଭଣ୍ଡାର ପ୍ରଥମ।

## କେନ୍ଦ୍ରୀୟ ବଜେଟ ପୂର୍ବରୁ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ପ୍ରମୁଖ ଦାବି ରଖିଲା କ୍ରେଡାଇ

ଭୁବନେଶ୍ୱର,୩୧ା୧(ସମିସ): ଓଡ଼ିଶାର ରିଅଲ ଇଷ୍ଟେଟ୍ ଡେଭଲପରମାନଙ୍କ ପ୍ରତିନିଧିତ୍ୱ କରୁଥିବା ଆଗାଧାଡ଼ିର ପ୍ରମୁଖ ସଂସ୍ଥା 'କ୍ରେଡ଼ାଇ (ସିଆରଇଡିଏଆଇ) ଓଡ଼ିଶା' ରବିବାର ଉପସ୍ଥାପନ ହବାକୁ ଥିବା କେନ୍ଦ୍ରୀୟ ବଜେଟ୍ ପୂର୍ବରୁ ନିଜର ପ୍ରମୁଖ ଦାବି ଉପସ୍ଥାପନ କରିଛି। ଏହାର ମୂଳ ଲକ୍ଷ୍ୟ ହେଉଛି ଆବାସିକ କ୍ଷେତ୍ରକୁ ମଜବୁତ କରିବା, ସୁଲଭତାରେ ସୁଧାର ଆଣିବା ଏବଂ ଓଡ଼ିଶାରେ ସହରୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ଏହି ଅବସରରେ କ୍ରେଡ଼ାଇ ନ୍ୟାସନାଲ ଉପାଧ୍ୟକ୍ଷ ତଥା କ୍ରେଡ଼ାଇ ଓଡ଼ିଶାର



ସଭାପତି ସ୍ୱଦେଶ କୁମାର ରାଉତରାୟ କହିଛନ୍ତି ଯେ, ଏଭଳି ଏକ ପ୍ରଗତିଶୀଳ ନୀତିର ଆବଶ୍ୟକତା ରହିଛି, ଯାହା ଉଭୟ ଘର କିଣୁଥିବା ଗ୍ରାହକ ଓ ଡେଭଲପରମାନଙ୍କୁ ସହାୟତା ପ୍ରଦାନ କରିବ। କେନ୍ଦ୍ରୀୟ ବଜେଟ୍‌ରେ କ୍ରେଡ଼ାଇ କେତୋଟି ପ୍ରମୁଖ ଆଶା ରଖିଛି। ଏଗୁଡ଼ିକ ମଧ୍ୟରୁ ଜମି ଓ ନିର୍ମାଣ ଖର୍ଚ୍ଚ ବୃଦ୍ଧିକୁ ଦୃଷ୍ଟିରେ ରଖି କ୍ରେଡ଼ାଇ ଓଡ଼ିଶା ସରକାରଙ୍କୁ ସୁଲଭ ପରିବାରର କର୍ପୋରେଟ୍ ଏରିଆ ଓ ମୂଲ୍ୟ ସୀମା ବୃଦ୍ଧି କରିବାକୁ ଅନୁରୋଧ କରିଛି। ଏହାଦ୍ୱାରା ଅଧିକ ଗ୍ରାହକ ସରକାରୀ ପ୍ରୋତ୍ସାହନ ଲାଭ କରିପାରିବେ। ସୁଲଭ ପରିବାର ପ୍ରକଳ୍ପରୁ ମିଳୁଥିବା ଲାଭ ଉପରେ ୧୦୦ ପ୍ରତିଶତ କର ଛାଡ଼ ବ୍ୟବସ୍ଥାକୁ ଜାରି ରଖିବାକୁ ସଂଘ ଦାବି କରିଛି। ଏହା 'ସମସ୍ତଙ୍କ ପାଇଁ ଘର' ଅଭିଯାନକୁ ସଫଳ କରିବାରେ ସହାୟକ ହେବ। ସେହିପରି ଗୃହଋଣ ସୁଧ ଉପରେ ଥିବା ୨ ଲକ୍ଷ ଟଙ୍କାର ଟିକସ ଛାଡ଼ ସୀମାକୁ ବୃଦ୍ଧିକରିବାକୁ ସୁପାରିସ କରାଯାଇଛି। ଏହା ଗ୍ରାହକଙ୍କ ଆର୍ଥିକ ବୋଝ କମାଇବା ସହ ବଜାରେ ଘରର ଚାହିଦା ବଢ଼ାଇବ। ସେହିପରି ନିର୍ମାଣ ସାମଗ୍ରୀ ଓ ନିର୍ମାଣାଧିନ ସମ୍ପତ୍ତି ଉପରେ ଜିଏସ୍‌ଟି ହାରକୁ ଯୁକ୍ତିସଙ୍ଗତ କରିବାକୁ କ୍ରେଡ଼ାଇ ଦାବି କରିଛି। ଏହା ଦ୍ୱାରା ପ୍ରକଳ୍ପ ଖର୍ଚ୍ଚ କମିବ ଓ ଗ୍ରାହକମାନେ କମ୍ ମୂଲ୍ୟରେ ଘର ପାଇବେ।

- ୯୦ ଦିନ ମଧ୍ୟରେ ଜବାବ ଦେବାକୁ ହେବ

## ଆମେରିକା କୋର୍ଟଙ୍କ ନୋଟିସକୁ ସ୍ୱୀକାର କଲେ ଆଦାନୀ

ନୂଆଦିଲ୍ଲୀ, ୩୧ା୧ (ଏଜେନ୍ସି): ଆମେରିକା ରେଗୁଲେଟର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସଇସି)ରେ ଦାଏର ସିଭିଲ ଠକେଇ ମାମଲାର ନୋଟିସକୁ ୧୫ ମାସ ପରେ ଶିଳ୍ପପତି ଗୌତମ ଆଦାନୀ ଏବଂ ତାଙ୍କ ପୁତୁରା ସାଗର ଆଦାନୀ ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇଛନ୍ତି। ନ୍ୟୁୟର୍କର ଏକ କୋର୍ଟରେ ଦାଖଲ ଦଲିଲ ଅନୁଯାୟୀ, ଆଦାନୀଙ୍କ ଓକିଲ ରେଗୁଲେଟରଙ୍କ ନୋଟିସକୁ ସ୍ୱୀକାର କରିବାକୁ ରାଜି ହୋଇଛନ୍ତି। ଏବେ କେଉଁ ମାଧ୍ୟମରେ ଆଦାନୀ ପରିବାରକୁ ନୋଟିସ ଦିଆଯିବ ତାହାର ନିଷ୍ପତ୍ତି ନେବାକୁ କୋର୍ଟଙ୍କୁ ପଡ଼ିବ ନାହିଁ। ଏହି ମାମଲା ୨୦୨୪ ନଭେମ୍ବରର। ସେତେବେଳେ ଆଦାନୀ ଗ୍ରୀନ ଏନର୍ଜି ଲିମିଟେଡ (ଏଜିଇଏଲ)କୁ ନେଇ ନିବେଶକଙ୍କୁ ଭୁଆଁ ବୁଲାଇଥିବା ଅଭିଯୋଗ ହୋଇଥିଲା। ଏବେ ନୋଟିସ ସ୍ୱୀକାର ହେବା ପରେ ଆଦାନୀ ଗ୍ରୁପକୁ ନିଜ ପକ୍ଷ ରଖିବାକୁ ୯୦ ଦିନ ସମୟ ମିଳିବ।

ଆମେରିକାର ବ୍ରୁକଲିନ ଫେଡରାଲ କୋର୍ଟରେ ହୋଇଥିବା ମାମଲା ଅନୁଯାୟୀ, ଆଦାନୀ ଏବଂ ଏସଇସି ମଧ୍ୟରେ ଏକ ସହମତି ପତ୍ର ସ୍ୱାକ୍ଷର ହୋଇଛି। ଏହା ପୂର୍ବରୁ ଏସଇସି ପକ୍ଷରୁ କୋର୍ଟରେ କୁହାଯାଇଥିଲା ଯେ ଆଦାନୀ

**ଲାଞ୍ଚ ଓ ନିବେଶକଙ୍କୁ ଭୁଆଁ ବୁଲାଇ ଥିବା ଅଭିଯୋଗ**

ଭାରତରେ ଅଛନ୍ତି। ତାଙ୍କ ନିକଟକୁ ନୋଟିସ ପହଞ୍ଚି ପାରୁନାହିଁ। ଏଥିପାଇଁ ଇମେଲ କିମ୍ବା ଅନ୍ୟ ମାଧ୍ୟମରେ ନୋଟିସ ପଠାଇବାକୁ ଅନୁମତି ଦିଆଯାଉ। ମାତ୍ର ଏବେ ଆଦାନୀଙ୍କ ଓକିଲ ଏହି ନୋଟିସ ଗ୍ରହଣ କରିଥିବାରୁ ଆଇନଗତ ସମସ୍ୟା ଦୂର ହୋଇଯାଇଛି। ଆଦାନୀ ଗ୍ରୀନ୍ ଏନର୍ଜି (ଏଜିଇଏଲ) ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ସୂଚନାରେ ସ୍ପଷ୍ଟ କରିଛି ଯେ ଏହି କାର୍ଯ୍ୟାନୁଷ୍ଠାନ କେବଳ ଏକ ଆଇନଗତ ପ୍ରକ୍ରିୟାର ଅଂଶବିଶେଷ। ନୋଟିସ୍ ଗ୍ରହଣ କରିବାର ଅର୍ଥ ଏହା ନୁହେଁ ଯେ କମ୍ପାନୀ ନ୍ୟୁୟର୍କ କୋର୍ଟର ଅଧିକାର କ୍ଷେତ୍ରକୁ ମାନି ନେଇଛି। ଗ୍ରୁପ ନିଜକୁ ରକ୍ଷା କରିବାର ସମସ୍ତ ଅଧିକାର ସୁରକ୍ଷିତ ରଖିଛି। ଏହି ମାମଲାକୁ ଖାରଜ କରିବା ପାଇଁ ଦାବି କରାଯିବ। ଏସଇସି ଅଭିଯୋଗ କରିଛି ଯେ ଆମେରିକୀୟ ନିବେଶକଙ୍କଠାରୁ ପାଣ୍ଠି ସଂଗ୍ରହ କରିବା ସମୟରେ ଆଦାନୀ ଗ୍ରୀନ୍ ଏନର୍ଜି ମିଥ୍ୟା ସୂଚନା ପ୍ରଦାନ କରିଥିଲା। ଏହା ବ୍ୟତୀତ ଏକ ପୃଥକ ଫୌଜଦାରୀ ମାମଲାରେ, ଆମେରିକୀୟ ସରକାରୀ ଓକିଲ ଆଦାନୀ ଉପରେ ଭାରତରେ ସୌରଶକ୍ତି ଚୁକ୍ତି ହାସଲ ପାଇଁ ୨୬୫ ନିୟୁତ ଡଲାର (ପ୍ରାୟ ୨୪୨୯ କୋଟି ଟଙ୍କା) ଲାଞ୍ଚ ଦେବାର ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ଲଗାଇଛନ୍ତି। ଆଦାନୀ ଗ୍ରୁପ୍ ଏହି ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଦେଇଛି। ଏହାକୁ ଭିତ୍ତିହୀନ କୁହାଯାଇଛି।

## ଏଚ୍‌ଆଇଏଲ୍‌ରେ ନାଭାଲ ଟାଟା ହକି ଏଚ୍‌ପିସି ଖେଳାଳିଙ୍କ ଚମକ

ଭୁବନେଶ୍ୱର, ୩୧ା୧ (ସମିସ): ଭୁବନେଶ୍ୱରର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚଳିତ ସପ୍ତାହରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ଖେଳାଳିମାନେ ବିଭିନ୍ନ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏଚ୍‌ଆଇଏଲ୍‌ର ଚଳିତ ସିଜନରେ ନାଭାଲ ଟାଟା ଏଚ୍‌ପିସିର ୮ଜଣ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜରୁ



ଖେଳୁଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ଚାମ୍ପିଅନ ବେଦାନ୍ତ କଳିଙ୍ଗ ଲାନ୍ସର୍ସରେ ଏଚ୍‌ପିସିର ରୋହିତ କୁଲୁ, ଦୀପକ ପ୍ରଧାନ ଓ ରୋଶନ କୁଜୁର ସାମିଲ ଥିଲେ। ସେହିଭଳି ରନର୍ସଅପ୍ ରାଞ୍ଚି ରୟାଲ୍ସ ଦଳରେ ଅନମୋଲ ଏକ୍କା, ଓ କାଂସ୍ୟ ବିଜେତା ହାଇଦ୍ରାବାଦ ତୁଫାନ୍ସ ଦଳରେ ଲରେଙ୍ଗବାମ ରୋହିତ ସିଂ ଖେଳୁଥିଲେ। ଏହାବାଦ୍ ଆଦ୍ରୋହିତ ଏକ୍କା ତାମିଲନାଡ୍ରୁ ଡ୍ରାଗନ୍ସ, ଗୋଲକିପର ବିବେକ ଲାକ୍ରା ବେଙ୍ଗଲ ଟାଇଗର୍ସ, ପ୍ରଦୀପ ମଣ୍ଡଳ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ ପକ୍ଷରୁ ଖେଳାଳି ଟାଟା ଏଚ୍‌ପିସିର ଗୌରବ ବଢ଼ାଇଛନ୍ତି। 'ଖେଳାଳିମାନଙ୍କ ସଫଳତା ଆମ ଏକାଡେମୀ ପାଇଁ ଏକ ଗର୍ବର ବିଷୟ। ଶୃଙ୍ଖଳିତ ପ୍ରଶିକ୍ଷଣ ଏବଂ କୋଚ୍, ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ ଯୋଗୁ ସେମାନେ ଆଜି ଜାତୀୟସ୍ତରରେ ପରିଚୟ ପାଇଛନ୍ତି' ବୋଲି ନାଭାଲ ଟାଟା ଏଚ୍‌ପିସିର ଡିରେକ୍ଟର ଗୁରମିତ୍ ସିଂହ ରାଓ କହିଛନ୍ତି।

# ଆଜିଠୁ ଗୁଟ୍‌ଖା, ସିଗାରେଟ ମହଙ୍ଗା

ନୂଆଦିଲ୍ଲୀ, ୩୧ା୧ (ଏଜେନ୍ସି): ସିଗାରେଟ, ପାନ ମସଲା ଏବଂ ତମ୍ବାଖୁ ଉତ୍ପାଦର ମୂଲ୍ୟ ରବିବାରଠାରୁ ବୃଦ୍ଧି ହେବାକୁ ଯାଉଛି। ଏହି ବିପଜ୍ଜନକ ସାମଗ୍ରୀର ବ୍ୟବହାର ହ୍ରାସ ପାଇଁ ଅଧିକ ଟିକସ ଲଗାଯାଇଛି। ଏଥିପାଇଁ ନୂଆ ଏବଂ କଡ଼ା ନିୟମ କରାଯାଇଛି। ଏଭଳି ସାମଗ୍ରୀ ସେବନ କଲେ ଏଥର ପକେଟରୁ ଅଧିକ ଖର୍ଚ୍ଚ କରିବାକୁ ହେବ। ଏହି ସଂଶୋଧିତ ମୂଲ୍ୟ ଗତ ବର୍ଷ ସେପ୍ଟେମ୍ବରଠାରୁ ପ୍ରଭାବୀ ହୋଇଥିଲେ ମଧ୍ୟ ସିଗାରେଟ ଏବଂ ତମ୍ବାଖୁ ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥା ରବିବାରଠାରୁ ଲାଗୁ ହେବ। ରିପୋର୍ଟ ଅନୁଯାୟୀ, ଫେବୃଆରୀ ସିଗାରେଟ୍ ଏବଂ ତମାଖୁ ଉତ୍ପାଦ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ ହେବ। ପାନ ମସଲା ଉପରେ ସ୍ୱାସ୍ଥ୍ୟ ସେସ୍ ଲାଗିବ। ଏହା ଉପରେ ୪୦ ପ୍ରତିଶତ ଟିକସ ଲାଗିବ। ସୂଚନାଯୋଗ୍ୟ ଯେ ୨୦୧୭ ଜୁଲାଇରୁ ସାମଗ୍ରୀଗୁଡ଼ିକ ଉପରେ ୨୮ ପ୍ରତିଶତ ଜିଏସଟି ଏବଂ କ୍ଷତିପୂରଣ ସେସ୍ ଲାଗୁ ହୋଇଥିଲା। ନୂତନ ବ୍ୟବସ୍ଥା ଅଧୀନରେ ନୂଆ ଉତ୍ପାଦରେ ଅଧିକ ଟିକସ ଏବଂ ସ୍ୱାସ୍ଥ୍ୟ ସେସ୍ ଲାଗୁ ହେବ। ସରକାର ଏହି କ୍ଷତିକାରକ ଉତ୍ପାଦ ଉପରେ ଟିକସକୁ କଡ଼ାକଡ଼ି କରୁଛନ୍ତି। ତେଣୁ ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ରହିଛି।




ସରକାର କେବଳ ଟିକସ ହାର ବୃଦ୍ଧି କରିନାହାଁନ୍ତି, ବରଂ ଟିକସ ସଂଗ୍ରହ ପଦ୍ଧତିରେ ମଧ୍ୟ ଯଥେଷ୍ଟ ପରିବର୍ତ୍ତନ ଆଣିଛନ୍ତି। ରବିବାରଠାରୁ ଚୋବାଇବା ତମାଖୁ, ଫିଲ୍ଟର ଖଇନି, ଜର୍ଦା ଥିବା ଖଇନି ଏବଂ ଗୁଟଖା ଭଳି ଉତ୍ପାଦ ପାଇଁ ସର୍ବାଧିକ ଖୁଚୁରା ମୂଲ୍ୟ (ଏମଆରପି) ଆଧାରିତ ମୂଲ୍ୟାଙ୍କନ ଆରମ୍ଭ ହେବ। ଏହି ପ୍ୟାକେଜଗୁଡ଼ିକରେ ମୁଦ୍ରିତ ଖୁଚୁରା ବିକ୍ରୟ ମୂଲ୍ୟ ଉପରେ ଜିଏସଟି ଧାର୍ଯ୍ୟ କରାଯିବ। ଏହା ଟିକସ ଫାଙ୍କିବାର ସୁଯୋଗ ହ୍ରାସ କରିବ। ବଜାରରେ ବିକ୍ରି ହେଉଥିବା ଉତ୍ପାଦର ପ୍ରକୃତ ମୂଲ୍ୟ ଉପରେ ସରକାର ଟିକସ ପାଇବା ନିଶ୍ଚିତ ହେବ। କେବଳ ଗ୍ରାହକଙ୍କ ଉପରେ ପ୍ରଭାବ ପଡ଼ିବ ନାହିଁ, ବରଂ ଏହି ଉତ୍ପାଦଗୁଡ଼ିକ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ଉପରେ ବି ନଜର ରଖାଯିବ। ପାନ ମସଲା ଉତ୍ପାଦନକାରୀଙ୍କ ପାଇଁ ନିୟମ କ୍ରମଶଃ କଠୋର ହୋଇଛି। ରବିବାରଠାରୁ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଆଇନ ଅନୁଯାୟୀ ଏକ ନୂତନ ପଞ୍ଜୀକରଣ ନେବାକୁ ପଡ଼ିବ। ଏହା ବ୍ୟତୀତ ସରକାର ଟିକସ ଫାଙ୍କି ରୋକିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିଛନ୍ତି। ନିର୍ମାତାମାନଙ୍କୁ ସେମାନଙ୍କ କାରଖାନାର ସମସ୍ତ ପ୍ୟାକେଜିଂ ମେସିନରେ ସିସି ଟିଭି କ୍ୟାମେରା ଲଗାଇବାକୁ ପଡ଼ିବ। ଏହି କ୍ୟାମେରାଗୁଡ଼ିକର ଫୁଟେଜ୍ ଅତି କମରେ ୨୪ ମାସ କିମ୍ବା ଦୁଇ ବର୍ଷ ପାଇଁ ସଂରକ୍ଷିତ ରଖିବାକୁ ପଡିବ। ସେମାନଙ୍କର ମାଲିକାନାରେ ଥିବା ମେସିନ୍ ସଂଖ୍ୟା ଏବଂ ସେମାନଙ୍କର ଉତ୍ପାଦନ କ୍ଷମତା ବିଷୟରେ ମଧ୍ୟ ଅବକାରୀ ଅଧିକାରୀମାନଙ୍କୁ ଜଣାଇବାକୁ ପଡିବ।

ଯଦି ଏକ ମେସିନ୍ ୧୫ ଦିନ ପାଇଁ ସେବାରୁ ବାହାରେ ରହିଥାଏ ତେବେ ହିଁ ସେମାନେ ଟିକସ ଛାଡ ପାଇଁ ଆବେଦନ କରିପାରିବେ। ସିଗାରେଟ୍ ଟାଣୁଥିବା ପାଇଁ ଗଣିତ ଟିକେ ଭିନ୍ନ ରହିଛି। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆଇନରେ ସଂଶୋଧନ ଦ୍ୱାରା ଏବେ ସିଗାରେଟ୍‌ର ଲମ୍ବ ଉପରେ ଟିକସ ନିର୍ଦ୍ଧାରଣ କରାଯାଉଛି। ଉତ୍ପାଦ ଶୁଳ୍କ ଏବେ ପ୍ରତି କାଠି ପାଇଁ ୨.୦୫ରୁ ୮.୫୦ ଟଙ୍କା ପର୍ଯ୍ୟନ୍ତ ହେବ।

**୪୦,୦୦୦ କୋଟି ଟଙ୍କାର ଠକେଇ ମାମଲା**

## ପୂର୍ବତନ ଆର୍‌ସିଓଏମ୍ ଅଧ୍ୟକ୍ଷ ପୁନିତ ଗର୍ଗ ଗିରଫ

ନୂଆଦିଲ୍ଲୀ, ୩୧ା୧ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ପୂର୍ବତନ ରିଲାଏନ୍ସ କମ୍ୟୁନିକେସନ (ଆରସିଓଏମ) ଅଧ୍ୟକ୍ଷ ପୁତିନ ଗର୍ଗଙ୍କୁ ଗିରଫ କରିଛି। ପୁନିତଙ୍କ ବିରୁଦ୍ଧରେ ବ୍ୟାଙ୍କ ଠକେଇ ଓ ଅନିଲ ଅମ୍ବାନୀ ଗ୍ରୁପ୍ କମ୍ପାନୀ ମାଧ୍ୟମରେ ପ୍ରାୟ ୪୦,୦୦୦ କୋଟି ଟଙ୍କାର କଳାଧନକୁ ଧଳା କରିବା ଅଭିଯୋଗ ହୋଇଛି। ଶୁକ୍ରବାର ଦିନ ଇଡି ଘୋଷଣା କରିଛି ଯେ, ଦିଲ୍ଲୀର ଏକ ସ୍ୱତନ୍ତ୍ର କୋର୍ଟ ଗର୍ଗଙ୍କୁ ୯ ଦିନ ପାଇଁ ଇଡି ହେପାଜତକୁ ପଠାଇଛି। ଗୁରୁବାର ପୁନିତଙ୍କୁ ହେପାଜତକୁ ନିଆଯାଇଛି। ସେ ଗତ ୨୪ ବର୍ଷ ଧରି କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ପରେ ରହି ଦାୟିତ୍ୱ ସମ୍ପାଦନ କରୁଥିଲେ। ସେ



୨୦୦୧ରୁ ୨୦୨୫ ପର୍ଯ୍ୟନ୍ତ କମ୍ପାନୀରେ ସକ୍ରିୟ ଥିଲେ। ଏହି ସମୟ ଅବଧିରେ ସେ ବ୍ୟାଙ୍କ ଠକେଇ ମାଧ୍ୟମରେ ପ୍ରାପ୍ତ ପାଣ୍ଠିକୁ ଲୁଚାଇବା, ବିନିଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଋଣ ପାଣ୍ଠିକୁ କେଉଁଠାରେ ଓ କିପରି ବ୍ୟବହାର କରାଯାଇଛି ସେ ସେନେଇ ଗର୍ଗ ଭଲଭାବେ ଅବଗତ ଥିଲେ ବୋଲି ଇଡି ତରଫରୁ କୁହାଯାଇଛି। ସେହିପରି ବିଦେଶୀ କମ୍ପାନୀଗୁଡ଼ିକ ମାଧ୍ୟମରେ ପାଣ୍ଠି ସ୍ଥାନାନ୍ତର କରିବା ନେଇ ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି।

ସେହିପରି ତାଙ୍କ ପତ୍ନୀଙ୍କ ନାମରେ କିଣାଯାଇଥିବା ସେୟାର ଓ ମ୍ୟୁଚୁଆଲ ଫଣ୍ଡକୁ ମଧ୍ୟ ଜବତ କରାଯାଇଛି। ପୁନିତଙ୍କ ଗିରଫଦାରୀ ରିଲାଏନ୍ସ ଗ୍ରୁପ୍ ତଥା ଅନିଲ ଅମ୍ବାନୀ ଗ୍ରୁପ୍‌ର ସମସ୍ୟାକୁ ଆହୁରି ବୃଦ୍ଧି କରିଛି। ତେବେ ରିଲାଏନ୍ସ ତରଫରୁ ଏନେଇ ଆନୁଷ୍ଠାନିକ ଭାବେ କୌଣସି ବିବୃତ୍ତି ଜାରି କରାଯାଇନାହିଁ।

## ମାସକରେ ୯୫% ବଢ଼ିଲା ଆମେରିକାର ବାଣିଜ୍ୟ କ୍ଷତି

ୱାଶିଂଟନ, ୩୧ା୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଲଗାଇଥିବା ଶୁଳ୍କ ସାରା ବିଶ୍ୱକୁ ସମସ୍ୟା ପକାଇଛି। ଏଥିରୁ ଆମେରିକୀୟ ବି ବର୍ତ୍ତି ପାରିନାହାନ୍ତି। ନାଗରିକଙ୍କୁ ମଧ୍ୟ ଏହାର ବହୁମୂଲ୍ୟ ଦେବାକୁ ପଡ଼ିଛି। ନଭେମ୍ବରରେ ଆମେରିକାର ବାଣିଜ୍ୟ କ୍ଷତି ୨୭.୬ ବିଲିୟନ ଡଲାର ଅର୍ଥାତ ୯୫ ପ୍ରତିଶତ ବଢ଼ି ୫୬.୮ ବିଲିୟନ ଡଲାର ହୋଇଯାଇଛି। ୩୪ ବର୍ଷ ତଥା ୧୯୯୨ ପରେ ପ୍ରଥମ ଥର ପାଇଁ ଏପରି ହୋଇଛି। ମାସକରେ ବାଣିଜ୍ୟ କ୍ଷତି ଏତେ ପ୍ରତିଶତ ବଢ଼ି ଯାଇଛି। ଏହି ସମୟରେ ଆମେରିକାରୁ ରପ୍ତାନୀ ହେଉଥିବା ସାମଗ୍ରୀର ମୂଲ୍ୟ ୧୦.୯ ବିଲିୟନ ଡଲାରରୁ ହ୍ରାସ ପାଇ ୨୯୨.୧ ବିଲିୟନ ଡାଲର ରହିଥିଲା। ଏହା ସେପ୍ଟେମ୍ବର ପରଠାରୁ ସର୍ବାଧିକ ଥିଲା।

ନଭେମ୍ବରରେ ଆମେରିକା ରପ୍ତାନି ୧୬.୮ ବିଲିୟନ ଡଲାର ବୃଦ୍ଧି ପାଇ ୩୩୨.୧ ବିଲିୟନ ଡଲାର ହୋଇଛି। ଏହା ଜୁଲାଇ ପରଠାରୁ ସର୍ବାଧିକ। ଔଷଧ ଆମଦାନୀରେ ବୃଦ୍ଧି ଏବଂ ସୁନା ରପ୍ତାନୀ ହ୍ରାସ ଯୋଗୁଁ ଏପରି ହୋଇଥିଲା। ସୁନା ମୂଲ୍ୟରେ ବୃଦ୍ଧି ଯୋଗୁଁ ମଧ୍ୟ ରପ୍ତାନୀ ହ୍ରାସ ଘଟିଛି। ଏହା ସତ୍ତ୍ୱେ ୨୦୨୫ ମାର୍ଚ୍ଚ ପରଠାରୁ ଆମେରିକାର ବାଣିଜ୍ୟ ନିଅଣ୍ଟ ୭୯.୬ ବିଲିୟନ ଡଲାର କିମ୍ବା ପ୍ରାୟ ୫୮% ସୁଧୁରିଛି। ଅନ୍ୟ ଦେଶଗୁଡ଼ିକରୁ ଆମେରିକା ଅଧିକ ସାମଗ୍ରୀ କିଣି କମ୍ ପଠାଉ ଥିବାରୁ ବାଣିଜ୍ୟ ନିଅଣ୍ଟ ବଢ଼ି ବଢ଼ି ଚାଲିଛି। ଶୁଳ୍କ ପରିବର୍ତ୍ତନର ଭୟ ଯୋଗୁଁ ଆମେରିକାର କମ୍ପାନୀଗୁଡ଼ିକ ନଭେମ୍ବରରେ ଅଧିକ ସାମଗ୍ରୀ ଆମଦାନୀ କରିଥିଲେ। ଏଥିରେ ସର୍ବାଧିକ ଔଷଧ ରହିଛି। ଏହି ସମୟ ମଧ୍ୟରେ ପୁଞ୍ଜିଗତ ସାମଗ୍ରୀ ଆମଦାନୀ ମଧ୍ୟ ବୃଦ୍ଧି ପାଇଥିଲା।

**ଫଣ୍ଡିଂ ବିଲ୍‌କୁ ମିଳିଲାନି ମଞ୍ଜୁରୀ**

# ପୁଣି ଆମେରିକା ସଟ୍‌ଡାଉନ୍

ୱାଶିଂଟନ, ୩୧ା୧ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଦ ଦେଶକୁ ସମ୍ଭାଳି ପାରୁନାହାନ୍ତି। ନିଜକୁ ଗଣତନ୍ତ୍ରର ସଂରକ୍ଷକ ଭାବୁଥିବା ଆମେରିକାରେ ସାଧାରଣ ସହମତି ପ୍ରକାଶ ପାଇପାରୁ ନାହିଁ। ଏଥିଯୋଗୁଁ ଆମେରିକା ପୁଣିଥରେ ସଟ୍‌ଡାଉନ ହୋଇଯାଇଛି। ଦୁଇ ଦଳୀୟ ବ୍ୟବସ୍ଥା ଥିବା ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ଆସୁନାହିଁ। ଧାର୍ଯ୍ୟ ସମୟରେ ଆମରିକା କଂଗ୍ରେସରେ ଫେଡେରାଲ ବଜେଟ ପାରିତ ନ ହୋଇପାରିବାରୁ ଏହି ସ୍ଥିତି ସୃଷ୍ଟି ହୋଇଛି। ଏହା ଫଳରେ ଶନିବାରଠାରୁ ସଟ୍‌ଡାଉନ ଆରମ୍ଭ ହୋଇଛି। ମାତ୍ର ଏହା ଖୁବ ଶୀଘ୍ର ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ଆସନ୍ତା ସପ୍ତାହ ସୁଦ୍ଧା ସିନେଟ ସମର୍ଥନରେ ଫଣ୍ଡିଂ ପ୍ୟାକେଜକୁ ମଞ୍ଜୁରି ମିଳିଯିବ ବୋଲି ଆମେରିକା ସାଂସଦ ମତ ଦେଇଛନ୍ତି। ଏଥିସହିତ ଆଂଶିକ ସଟ୍‌ଡାଉନ ଶେଷ ହୋଇଯିବ।

ସୂଚନା ଅନୁଯାୟୀ, ଏକ ଫେଡେରାଲ୍ ଇମିଗ୍ରେସନ୍ ଅପରେସନ୍ ସମୟରେ ଆଇସିଇ ଏଜେଣ୍ଟମାନେ ଦୁଇ ଜଣଙ୍କୁ ଗୁଳିମାଡ଼ କରିଥିଲେ। ଏହାକୁ ନେଇ ମିନିଆପୋଲିସରେ ବ୍ୟାପକ ପ୍ରତିବାଦ ହେଉଛି। ଡେମୋକ୍ରାଟିକ୍ ସଦସ୍ୟ ଏହାକୁ ନେଇ କ୍ରୋଧାନ୍ୱିତ ହୋଇଛନ୍ତି। ତେଣୁ ଆଲୋଚନା ବିଫଳ ହେବାରୁ ପାଣ୍ଠି ହ୍ରାସ ଘଟିଛି। ଏହି ଘଟଣା ଯୋଗୁଁ 'ଡିପାର୍ଟମେଣ୍ଟ ଅଫ ହୋମଲାଣ୍ଡ ସିକ୍ୟୁରିଟି' ପାଇଁ ପାଣ୍ଠି ଉପରେ ଆଲୋଚନା ବନ୍ଦ ହୋଇଯାଇଛି। ଏହା ବଜେଟ୍ ଆଲୋଚନାରେ ଏକ ପ୍ରମୁଖ ପ୍ରସଙ୍ଗ। ସମୟସୀମା ସୁଦ୍ଧା ଚୁକ୍ତି ନ ହେବାରୁ ଅନେକ ଅଣ-ଅତ୍ୟାବଶ୍ୟକୀୟ ସରକାରୀ କାର୍ଯ୍ୟ ବନ୍ଦ ହୋଇଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ଏବଂ ପ୍ରତିରକ୍ଷା ସମେତ ଅନ୍ୟାନ୍ୟ ବିଭାଗଗୁଡ଼ିକୁ ଏହା ଦ୍ୱାରା ପ୍ରଭାବିତ ହୋଇଛି। ଏହି ଆଂଶିକ




ବନ୍ଦ ପ୍ରାୟ ତିନି-ଚତୁର୍ଥାଂଶ ଫେଡେରାଲ୍ କାର୍ଯ୍ୟକୁ ପ୍ରଭାବିତ କରିଛି। ଯଦି ବନ୍ଦ ଜାରି ରହେ ତେବେ ହଜାର ହଜାର ଫେଡେରାଲ୍ କର୍ମଚାରୀ ଅବୈତନିକ ଛୁଟିର ସମ୍ମୁଖୀନ ହୋଇପାରନ୍ତି। ଏହା ସହିତ କଂଗ୍ରେସ ପାଣ୍ଠି ମଞ୍ଜୁର ନ କରିବା ପର୍ଯ୍ୟନ୍ତ ସେମାନଙ୍କୁ ବିନା ଦରମାରେ କାମ କରିବାକୁ ପଡ଼ିପାରେ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିନେଟ୍-ସମର୍ଥିତ ଚୁକ୍ତିନାମାକୁ ସମର୍ଥନ ଜଣାଇଥିଲେ ଏବଂ ଦୀର୍ଘକାଳୀନ ବନ୍ଦକୁ ରୋକିବା ପାଇଁ ଗୃହକୁ ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହା ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଦ୍ୱିତୀୟ ସରକାରୀ ସଟଡାଉନ ହୋଇଛି। କିଛି ଦିନ ତଳେ ସଟ୍‌ଡାଉନ ପାଇଁ ମାସରୁ ଅଧିକ ସମୟ ଫେଡେରାଲ୍ ସେବା ବନ୍ଦ ରହିଥିଲା। ଏହା ଆମେରିକା ଇତିହାସର ସବୁଠାରୁ ବଡ଼ ସଟ୍‌ଡାଉନ ଥିଲା।

